୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.28 Bhubaneswar Sunday March 03 2024 ୨୬ତମ ବର୍ଷ ସଂଖ୍ୟା–୨୮ ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୦୩, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

୧୯୫ ଜଣଙ୍କ ତାଲିକା ଘୋଷଣା କଲା ବିଜେପି, ବାରାଣସୀରୁ ମୋଦି

ଭୁବନେଶ୍ୱର,୨।୩(ପି.ଏନ): ୨୦୨୪ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି ବିଜେପି। ଏହି ପର୍ଯ୍ୟାୟରେ ୧୯୫ ଜଣ ପ୍ରାର୍ଥୀଙ୍କ ନାଁ ରହିଛି। ତା' ମଧ୍ୟରେ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାଁ। ସେ ପୁଣି ବାରଣାସୀରୁ ନିର୍ବାଚନ ଲଢ଼ିବା। ସେହିପରି ଲୋକସଭା ବାଚସ୍ପତି ଓମ୍ ବିର୍ଲା ରାଜସ୍ଥାନର କୋଟାରୁ, ଗୃହ ମନ୍ତ୍ରୀ ଅମିତ ଶାହ ଗୁଜରାଟର ଗାନ୍ଧୀନଗରରୁ ଓ ରାଜନାଥ ସିଂହ ଲକ୍ଷ୍ନୌରୁ ପ୍ରାର୍ଥୀ ହେବେ।

କେଉଁ ରାଜ୍ୟରୁ କେତୋଟି ଆସନ ? ବିଜେପି ଆଜି ୧୬ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳରୁ ୧୯୫ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଏହି ତାଲିକାରେ ଉତ୍ତର ପ୍ରଦେଶରୁ ସର୍ବାଧିକ ୫୧ ଜଣ ପ୍ରାର୍ଥୀଙ୍କ ନାଁ ରହିଛି। ପଶ୍ଚିମବଙ୍ଗରୁ ୨୦ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ମଧ୍ୟ ପ୍ରଦେଶରୁ ୨୪, ଗୁଜରାଟରୁ ୧୫, ରାଜସ୍ଥାନରୁ ୧୫, କେରଳରୁ ୧୨, ତେଲେଙ୍ଗାନାରୁ ୯, ଆସାମରୁ ୧୧, ଝାଡଖଣ୍ଡରୁ ୧୧, ଛତିଶଗଡରୁ ୧୧, ଦିଲ୍ଲୀରୁ ୫, ଜମ୍ମୁ ଓ କଶ୍ମୀରରୁ ୨, ଉତ୍ତରାଖଣ୍ଡରୁ ୩, ଅରୁଣାଚଳ ପ୍ରଦେଶରୁ ୨, ଗୋଆରୁ ୧, ତ୍ରିପୁରା ୧, ଆଣ୍ଡାମାନରୁ ୧ ଓ ଡାମନ ଡିଉରୁ ଗୋଟିଏ ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି।

କେଉଁ ବର୍ଗରୁ କେତେ ? ଏହି ପ୍ରାର୍ଥୀଙ୍କ ମଧ୍ୟରେ ୨୮ ଜଣ ମହିଳା ଥିବା ବେଳେ ୫୦ରୁ କମ୍ ବୟସର ୪୭ ଜଣ ବ୍ୟକ୍ତି ରହିଛନ୍ତି। ସେହିପରି ଅନୁସୂଚିତ ଜାତିରୁ ୨୭ ଜଣ ପ୍ରାର୍ଥୀ ଥିବା ବେଳେ ଅନୁସୂଚିତ ଜନଜାତିରୁ ୧୮ ଓ ଓବିସିରୁ ୫୭ ଜଣ ପ୍ରାର୍ଥୀ ହୋଇଛନ୍ତି। ଏହି ୧୯୫ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୩୪ ଜଣ କେନ୍ଦ୍ର ମନ୍ତ୍ରୀ ଅଛନ୍ତି।

ନିର୍ବାଚନ ପୂର୍ବରୁ ବିଜେଡି ଛାଡିଲେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, ବିଜେପିରେ ମିଶିବା ନେଇ ଚର୍ଚ୍ଚା

ମାଲକାନଗିରି,୨।୩(ପି.ଏନ): ବିଜେଡିକୁ ପୁଣି ଏକ ଧକ୍କା ମିଳିଛି। ମାଲକାନଗିରିର ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ବିଜେଡି ଦଳର ପ୍ରାଥମିକ ସଦସ୍ୟ ପଦରୁ ଉଷ୍ତଫା ଦେଇଛନ୍ତି। ସେ ଇସ୍ତଫା ପତ୍ର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଠାଇଦେଇଛନ୍ତି। ସେ ତାଂକର ଇସ୍ତଫା ପତ୍ରରେ କାହିଁକି ଦଳ ଛାଡିଲେ ଜଣାଇନଥିବା ବେଳେ ଏଥର କିନ୍ତୁ ତାଂକୁ ଦଳ ଆଉ ଟିକଟ ଦେବ ନାହିଁ ବୋଲି ସେ ଜାଣିସାରିଥିଲେ। ତେଣୁ ହୁଏତ ସେ ଏଥିପାଇଁ ଦଳ ଛାଡି ଥିବା ଅନୁମାନ କରାଯାଉଛି। ତେବେ ସେ ବିଜେପିରେ ଯୋଗଦାନ କରିବ ବୋଲି ଚର୍ଚ୍ଚା ଜୋର ଧରିଛି।

କହିବାକୁ ଦିଆଗଲାନି, ସଭା ଅଧାରୁ ଉଠି ଆସିଲେ ନରସିଂହ ମିଶ୍ର

ଭୁବନେଶ୍ୱର,୨।୩(ପି.ଏନ): ଆଜି ଲୋକାର୍ପିତ ହେଲା ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ର ସ୍ଥାୟୀ କୋଠା। ହେଲେ ସେହି ସଭାରେ ସ୍ଥାନୀୟ କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କୁ କହିବାକୁ ଦିଆଗଲା ନାହିଁ। ଯେଉଁଥିପାଇଁ ସେ ସଭା ଅଧାରୁ ଉଠି ପଳାଇ ଆସିଥିଲେ। ଏହାକୁ ନେଇ ବଲାଙ୍ଗିର ରାଜନୀତି ସରଗରମ ହୋଇଥିବା ବେଳେ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, କିଏ ଗଲେ କିଏ ନଗଲେ ସେଇଟା ଆପଣମାନେ ଦେଖିଥିବେ।ବଲାଙ୍ଗିର ଭୀମଭୋଇ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ର ସ୍ଥାୟୀ କୋଠା ଆଜି ଲୋକାର୍ପିତ ହୋଇଛି। ଏଥିପାଇଁ ଆୟୋଜିତ ହୋଇଥିଲା ଭବ୍ୟ ସଭା। ଉକ୍ତ ସଭାରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଜିଲ୍ଲାର ବିଜେଡି ବିଧାୟକ, ବରିଷ୍ଠ କର୍ମକର୍ତ୍ତା ଓ ବଲାଙ୍ଗିର କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିଲେ। ଭିଡିଓ କନ୍?ଫରେନ୍ସିଂରେ ଯୋଗଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ ଭି.କେ ପାଣ୍ଡିଆନ୍।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ମିଳିବ କି 'ଭାରତ ରତ୍ନ' ?

ଭୁବନେଶ୍ୱର,୨।୩(ପି.ଏନ): ଆଗକୁ ଆସୁଛି ରାଜ୍ୟ ବିଧାନସଭା ଓ ଲୋକସଭା ନିର୍ବାଚନ । ସେନେଇ ରାଜ୍ୟର ଗାଁ, ପଞ୍ଚାୟତଠାରୁ ଆରମ୍ଭ କରି ଦେଶର ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ମାହୋଲ ସରଗରମ୍ ହୋଇ ଉଠିଛି । ତେବେ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର କିଛି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦେଶର ସର୍ବ?ଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ ନେଇ ଘୋଷଣା କରିଥିଲେ ।କଳିଙ୍ଗର ବୀରପୁତ୍ର ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ନେଇ ବିଜେଡି ସାଂସଦ ଚନ୍ଦ୍ରଶେଖର ସାହୁ ଗତ ମାସରେ ଲୋକସଭାରେ ଦାବି କରିଥିଲେ । ବିଜୁଙ୍କୁ ଏହି ସମ୍ମାନ ପ୍ରଦାନ ନେଇ ଦୀର୍ଘଦିନ ହେବ ଦାବି ହୋଇଆସୁଥିଲେ ବି କେନ୍ଦ୍ର ସରକାର ତାହାକୁ ଗ୍ରହଣ କରି ନାହାନ୍ତି । ତେଣୁ ତା' ଉପରେ ବିଚାର କରିବାକୁ ଶ୍ରୀ ସାହୁ କହିଥିଲେ । ତେବେ ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶା ଗସ୍ତରେ ଆସୁଥିବା ବେଳେ ଏହି ଅବସରରେ ବିଜେଡି-ବିଜେପି ମେଣ୍ଟ ନେଇ କିଛି ବୁଝାମଣା ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲା । ପୂର୍ବରୁ ଏହି ଦୁଇ ଦଳ ମେଣ୍ଟ ସରକାରରେ ରହିଥିବା ବେଳେ ରାଜନୈତିକ ଫାଇଦାକୁ ଦୃଷ୍ଟିରେ ରଖି ଦୁଇ ଦଳ ଏକାଠି ହୋଇପାରନ୍ତି ବୋଲି କୁହାଯାଉଥିଲା । ଏପରିକି ଯଦି ମେଣ୍ଟ ହୁଏ ତେବେ କେନ୍ଦ୍ର ସରକାର ବିଜୁଙ୍କୁ ଭାରତ ରତ୍ନ ପ୍ରଦାନ ନେଇ ଘୋଷଣା କରିପାରନ୍ତି ବୋଲି କୁହାଯାଉଥିଲା ।ତେବେ ରାଜ୍ୟରେ ବିଜେଡି-ବିଜେପି ମେଣ୍ଟ ହେବ ନାହିଁ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀରୁ ଫେରିବା ପରେ ପ୍ରତିକ୍ରିୟା ଦେଇଛନ୍ତି । ମେଣ୍ଟ ନେଇ କିଛିଦିନ ଧରି ଲାଗି ରହିଥିବା ଚର୍ଚ୍ଚା ଉପରେ ମନମୋହନ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । କିଛିଦିନ ତଳେ ପ୍ରଧାନମନ୍ତ୍ରୀ ମୋଦୀ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ନିଜର ମିତ୍ର ବୋଲି ସମ୍ବୋଧନ କରିଥିଲେ । ସେହିପରି ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦ୍ୱିତୀୟ ଥର ପାଇଁ ବିଜେଡି ସମର୍ଥନ ଦେଇଥିଲା । ଏଥିସହତ ପୂର୍ବରୁ ଜମ୍ମୁ କଶ୍ମୀରରୁ ଧାରା ୩୭୦ ହଟାଇବା ବିଲ୍ ହଟାଇବା ସମୟରେ କେନ୍ଦ୍ରରେ କ୍ଷମତାସୀନ ଏନଡିଏ ସରକାରଙ୍କୁ ବିଜେଡି ସମର୍ଥନ ଦେଇଥିଲା ।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା: କଳା ଓ କ୍ରୀଡା ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି, ଉପକୃତ ହେବେ ୪୬୦୫ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ

ଭୁବନେଶ୍ୱର,୨।୩(ପି.ଏନ): ଗତ କିଛି ମାସ ମଧ୍ୟରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କର ଦରମା ବୃଦ୍ଧି ଘୋଷଣା କରାଯାଇଥିବା ବେଳେ ଏହା ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଏକ ବଡ ଘୋଷଣା କରିଛନ୍ତି । ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ନିୟୋଜିତ ସାମୟିକ କଳା ଓ କ୍ରୀଡା ପ୍ରଶିକ୍ଷକମାନଙ୍କ ମାସିକ ପାରିଶ୍ରମିକକୁ ରାଜ୍ୟ ସରକାର ସାତ ହଜାର ଟଙ୍କାରୁ ଦଶ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି ।୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରିବା ସମୟରେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏନେଇ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ ଏହି ସମସ୍ୟା ଉପରେ ବିଚାର କରି ମୁଖ୍ୟମନ୍ତ୍ରୀ ବଡ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଣିକି କଳା ଓ କ୍ରୀଡା ଶିକ୍ଷକ-ଶିକ୍ଷୟିତ୍ରୀମାନେ ୧୦ ମାସ ବଦଳରେ ବର୍ଷକୁ ୧୨ ମାସର ପାରିଶ୍ରମିକ ପାଇବେ । ସେମାନେ ମାସିକ ୨୪ଟି ପରିୟତ ପରିବର୍ତ୍ତ ? ୩୦ଟି ପିରିୟଡରେ ଶିକ୍ଷା ପ୍ରଦାନ କରିବେ । ଏହାସହିତ ଅନ୍ୟ ସରକାରୀ କର୍ମଚାରୀ ମାନଙ୍କ ପରି ମହିଳା କଳା ଓ କ୍ରୀଡା ପ୍ରଶିକ୍ଷକମାନେ ମଧ୍ୟ ଆବଶ୍ୟକସ୍ଥଳେ ମାତୃତ୍ୱ ଛୁଟି ପାଇପାରିବେ । ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତି ଫଳରେ ୪୬୦୫ ଜଣ ଶିକ୍ଷକ-ଶିକ୍ଷୟତ୍ରୀ ଉପକୃତ ହେବେ । ସୂଚନାଯୋଗ୍ୟ ଯେ, ରାଜ୍ୟର କେତେକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କ କଳା ଓ ଶାରୀରିକ ଶିକ୍ଷା ତାଲିମ ଦେବା ପାଇଁ ସାମୟିକ କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି ।

୪ରେ ବିଜେପିରେ ମିଶିବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ

ଭୁବନେଶ୍ୱର,୨।୩(ପି.ଏନ): ବିଜେପିରେ ଯୋଗ ଦେବେ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ। ଆସନ୍ତା ୪ ତାରିଖରେ ସେ ବିଜେପିରେ ଯୋଗ ଦେବା ନେଇ ସୂଚନା ଦେଇଛନ୍ତି। ଭୁବନେଶ୍ୱର ସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେବେ ବୋଲି ଜଣାପଡିଛି ।ଗତ କିଛି ଦିନ ଧରି ରାଜେନ୍ଦ୍ର ଦାସ ବିଜେପିରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଥିଲା। ଗତ ଧାମନଗର ଉପନିର୍ବାଚନ ବେଳେ ବେଶ୍ ଚର୍ଚ୍ଚାରେ ଥିଲେ ରାଜେନ୍ଦ୍ର। ସେତେବେଳେ ସେ ବିଜେଡିରେ ଥିଲେ। କିନ୍ତୁ ବିଜେଡି ତାଙ୍କୁ ଟିକେଟ୍ ଦେଇ ନଥିଲା। ଫଳରେ ସେ ଦଳ ବିରୋଧରେ ବିଦ୍‌ରୋହ ଘୋଷଣା କରିଥିଲେ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହା ପରେ ବିଜେଡି ତାଙ୍କୁ ବହିଷ୍କାର କରିଥିଲା।

ସନ୍ଥକବି ଭୀମଭୋଇଙ୍କ ପୀଠରେ ଆୟୋଜିତ ସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପାର୍ଶ୍ୱରେ ଅଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମହିମା ସାଧୁ ସନ୍ଥ ଓ ଅନ୍ୟାନ୍ୟ ଅତିଥି ବୃନ୍ଦ

ଡଃ ରବୀନ୍ଦ୍ର ନାରାୟଣ ବେହେରା ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ସମ୍ଭାବନା ଉଜ୍ଜ୍ୱଳ

ଭୁବନେଶ୍ୱର, ୨।୩(ପି.ଏନ): ସୁନାମଧନ୍ୟ ଆଇ. ଟି ବିଶେଷଜ୍ଞ ଏବଂ ନ୍ୟାସନାଲ ଇନଫର୍ମେଟିକ୍ସ ସେଣ୍ଟର ର ପୂର୍ବତନ ବରିଷ୍ଠ ନିର୍ଦ୍ଦେଶକ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରା ଆଗାମୀ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଟିକେଟରେ ପ୍ରତିଦ୍ୱନ୍ଦିତା କରିବାର ସମ୍ଭାବନା ଉଜ୍ଜ୍ୱଳ ଥିବା ଜଣାଯାଉଛି। ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକ ଅନ୍ତର୍ଗତ ହାଟସାହି ନିବାସୀ ଡଃ ବେହେରା ଯାଜପୁର ଲୋକସଭା ଆସନରୁ ପ୍ରାର୍ଥୀ ହେବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ଯାଜପୁରର ଘରେ ଘରେ ରବି ବାବୁ ଭାବରେ ଲୋକପ୍ରିୟ, ଡ଼ଃ ବେହେରା ଦୀର୍ଘ ୫ ବର୍ଷ ହେଲା ଏହି ଅଞ୍ଚଳରେ ଜନସଂପର୍କ ରଖି ଆସୁଛନ୍ତି। ୨୦୧୯ ମସିହାରେ ସରକାରୀ ଚାକିରୀ ରୁ ସ୍ୱ ?ଚ୍ଛାକୃତ ଅବସର ଗ୍ରହଣ କରିବା ପରେ ଡ଼ଃ ବେହେରା ଆନୁଷ୍ଠାନିକ ଭାବେ ବି. ଜେ. ପି ରେ ଯୋଗ ଦେବା ପରଠୁ ଯାଜପୁର ନିର୍ବାଚନ ମଣ୍ଡଳୀବାସୀଙ୍କର ସେବା ଓ ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ନିଜକୁ ନିୟୋଜିତ କରି ଆସିଛନ୍ତି। ଜଣେ ଲୋକପ୍ରିୟ ଜନନେତା, ଅଗ୍ରଣୀ ସମାଜସେବୀ, ମିଷ୍ଟଭାଷୀ ବ୍ୟକ୍ତି, ଦରଦୀ ମାନବ, ଭଦ୍ରଲୋକ ରାଜନୀତିଜ୍ଞ ଏବଂ ପରୋପକାରୀ ମଣିଷ ଭାବରେ ଡ଼ଃ ବେହେରାଙ୍କ ର ବେଶ୍ ସୁଖ୍ୟାତି ରହିଛି। ନିଜର ପ୍ରଥମ ନିର୍ବାଚନୀ ପ୍ରୟାସରେ ଡଃ ବେହେରା ବିଜୁ ଜନତା ଦଳର ଗଡ଼ କୁହାଯାଉଥିବା ଯାଜପୁରରେ ବି. ଜେ.ପି ପକ୍ଷରୁ ବାଜି ମାରିବାରେ ସକ୍ଷମ ହେବେ ବୋଲି ପର୍ଯ୍ୟବେକ୍ଷକ ମାନେ ମତ ପ୍ରକାଶ କରୁଛନ୍ତି। ନିଜର ୩୧ ବର୍ଷର ଚାକିରୀ କାର୍ଯ୍ୟକାଳ ମଧ୍ୟରେ ଡଃ ବେହେରା ଓଡ଼ିଶା ଓ ଜାତୀୟ ସ୍ତରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଖୁବ ସଫଳତା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଇନଫର୍ମେଟିକ୍ସ ସେଣ୍ଟର ର ବରିଷ୍ଠ ନିର୍ଦ୍ଦେଶକ ଭାବରେ ଡଃ ବେହେରା ରାଜ୍ୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବୈପ୍ଳବିକ ବିକାଶ କ୍ଷେତ୍ରରେ ବ୍ୟାପକ ଯୋଗଦାନ ପ୍ରଦାନ କରିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପୁରୀ ଶ୍ରୀମନ୍ଦିରରେ ୧୯୯୮ ମସିହାରେ ଅନଲାଇନ୍ ଚାନ୍ଦା ପୈଠ ବ୍ୟବସ୍ଥା ସହିତ ଡାଇନାମିକ ପୋର୍ଟାଲ ଆରମ୍ଭ କରାଯିବା ଡଃ ବେହେରାଙ୍କ ଯୋଗୁଁ ସମ୍ଭବପର ହୋଇଥିଲା। ତାଙ୍କର ଅନ୍ୟାନ୍ୟ ଉଲ୍ଲେଖଯୋଗ୍ୟ ଅବଦାନ ମଧ୍ୟରେ ଓଡ଼ିଶା ସରକାର, ରାଜଭବନ, ହାଇକୋର୍ଟ, ଓଡ଼ିଶା ପୁଲିସ ତଥା ଉତ୍କଳ ଓ ରମାଦେବୀ ବିଶ୍ୱବିଦ୍ୟାଳୟ ଆଦିକୁ ମିଶାଇ ମୋଟ ୩୦୦ଟି ଉତ୍ସର୍ଗୀକୃତ ମହତ୍ତ୍ୱପୂର୍ଣ୍ଣ ୱେବସାଇଟର ଶୁଭାରମ୍ଭ ଅନ୍ୟତମ। ନିଜର ଅନନ୍ୟ ପ୍ରତିଭା ଓ ଉତ୍କୃଷ୍ଟ ପାରଦର୍ଶିତା ପାଇଁ ଡଃ ବେହେରା ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବହୁ ସମ୍ମାନାସ୍ପଦ ପୁରସ୍କାର ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏ ମଧ୍ୟରେ ବାଲି ଦ୍ୱୀପ ଠାରେ ବିଶ୍ୱ ଗୌରବ ପୁରସ୍କାର, ସମାଜ ସେବା ପୁରସ୍କାର, ନେଲସନ ମାଣ୍ଡେଲା ଆନ୍ତର୍ଜାତିକ ଶାନ୍ତି ପୁରସ୍କାର, ଅନ୍ତର୍ଜାତୀୟ ଓ ଏସୀୟ ଶିକ୍ଷା ପୁରସ୍କାର, ଇ - ଇଣ୍ଡିଆ ଓ ଇ - ୱାର୍ଲଡ୍ ପୁରସ୍କାର ଆଦି ଅନ୍ୟତମ। ଏବେ କମ୍ପ୍ୟୁଟର ସୋସାଇଟି ଅଫ ଇଣ୍ଡିଆର ପୂର୍ବତନ ଭୁବନେଶ୍ୱର ଶାଖାର ଅଧକ୍ଷ, ୱାର୍ଲଡ୍ ଓଡ଼ିଶା ସୋସାଇଟିର ଆଇ.ଟି ସାଧାରଣ ସମ୍ପାଦକ, ସେଣ୍ଟ୍ରାଲ ବୋର୍ଡ ଅଫ ଫିଲ୍ମ ସାର୍ଟିଫିକେସନର ପରାମର୍ଶଦାତା ସଦସ୍ୟ, ଭାରତୀୟ ଦୁର୍ନୀତି ନିରୋଧ ପ୍ରତିଷ୍ଠାନର ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ, ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ସଂଘର ସାଧାରଣ ସମ୍ପାଦକ, ସ୍ୱାଭିମାନ ବିଚାର ମଂଚ୍‌ର ସାଧାରଣ ସମ୍ପାଦକ ଏବଂ ବୁଦ୍ଧିଜୀବି ଅନୁଷ୍ଠାନ ଭଏସ୍ ଅଫ ଯାଜପୁରର ପ୍ରତିଷ୍ଠାତା ଅଧକ୍ଷ ପ୍ରଭୃତି ଦାୟିତ୍ୱ ସମ୍ପନ୍ନ ପଦବୀର ଅଧିକାରୀ ଡ଼ଃ ବେହେରା, ଯାଜପୁର ର ସର୍ବାଙ୍ଗୀନ ଭାଗ୍ୟୋଦୟ ପାଇଁ ସଂକଳ୍ପବଦ୍ଧ ଓ ସାଧନାରତ ଅଛନ୍ତି। ଯାଜପୁରରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଜଳସେଚନ ଏବଂ କୃଷି ବ୍ୟବସ୍ଥା ତଥା ଅତ୍ୟାଧୁନିକ ଭିତ୍ତିଭୂମି ଓ ଉନ୍ନତମାନର ମାନବ ଜୀବନ ଧାରଣ ସୁବିଧା ଉପଲବ୍ଧ କରାଇବା ତାଙ୍କର ଜୀବନର ସ୍ୱପ୍ନ ବୋଲି ଡଃ ବେହେରା ସୂଚାଇଛନ୍ତି। ୧୯୯୦ ମସିହାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସକ୍ରୀୟ ସଦସ୍ୟ ରହି ଆସିଥିବା ଡଃ ବେହେରା ପୂର୍ବ ପ୍ରାନ୍ତର ଉପସଂଯୋଜକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଓଡ଼ିଶାର ଜଣେ ଜଣାଶୁଣା ହରିଜନ ନେତା ଭାବରେ ପ୍ରସିଦ୍ଧ ଡଃ ବେହେରା, ବିଜେପିର ଦଳୀୟ ସ୍ତରରେ ବିଭିନ୍ନ ମର୍ଯ୍ୟାଦା ସମ୍ପନ୍ନ ପଦରେ ରହି ଉଲ୍ଲେଖଯୋଗ୍ୟ ସେବା ପ୍ରଦାନ କରିଛନ୍ତି। ଏମଧ୍ୟରେ ଓଡ଼ିଶା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସଂଯୋଜକ, ବିଭିନ୍ନ ଜିଲ୍ଲା ପାଇଁ ଅନୁସୂଚିତ ଜାତି ମୋର୍ଚ୍ଚାର ପ୍ରଭାରୀ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ, ବି.ଜେ.ପିର ଓଡ଼ିଶା ପ୍ରଦେଶ ଆନ୍ତର୍ଜାତିକ ସମ୍ପର୍କ କମିଟିର ଉପମୁଖ୍ୟ, ନମାମି ଗଙ୍ଗା ନଦୀ ସୁରକ୍ଷା ସମିତିର ଉପ ସଂଯୋଜକ, ଯାଜପୁର ସଂସଦୀୟ ନିର୍ବାଚନ ମଣ୍ଡଳୀ ପାଇଁ ଡାଟା ପରିଚାଳନା ଓ ହିତାଧିକାରୀ ସମ୍ପର୍କ କମିଟିର ସଂଯୋଜକ ତଥା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଦି ଅନ୍ତର୍ଭୁକ୍ତ। ନିକଟରେ ନୂଆଦିଲ୍ଲୀ ଠାରେ ହୋଇଥିବା ଦଳର ରାଷ୍ଟ୍ରୀୟ ଅଧିବେଶନ କୁ ଡଃ ବେହେରାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଯାଜପୁରର ଉନ୍ନୟନ ପାଇଁ ତାଙ୍କର କିଭଳି ଯୋଜନା ରହିଛି ଜାଣିବାକୁ ଚାହିଁବାରୁ, ଡଃ ବେହେରା ତାଙ୍କର ସର୍ବପ୍ରଥମ ପ୍ରାଥମିକତା ରତ୍ନଗିରି ଠାରେ ଏକ ଆନ୍ତର୍ଜାତିକ ନୌବାଣିଜ୍ୟ ଐତିହ୍ୟ ଓ ସାଂସ୍କୃତିକ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା ଏବଂ

ଟି ଟାଇମ୍

ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

ପୁରାଣ କାହାଣୀ

ବାଣୀ ପ୍ରଭାବରେ ଚୋର ହେଲା ସାଧୁ

ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

ଆଜିର ଭାଗ୍ୟ

ମେଷ — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅଠିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

କୃତ୍ରିମ ଜଳପ୍ରପାତ

ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

ଜିନ୍ସ ସୃଷ୍ଟି କରୁଛି ସମସ୍ୟା

ଆଜିକାର ଅତ୍ୟାଧୁନିକ ଯୁବତୀମାନେ ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ନାହିଁ । ଏକ ଗବେଷଣାରୁ ଜଣାଯାଇଛି ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ରୋଗରେ ଗୋଡ଼ ଅକାମି ହୋଇଗଲା ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ । ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ

ବିଶ୍ୱର ବଡ ଫୁଲ ବଜାର

ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱବାସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ

କାଂଚୀ କାମାକ୍ଷୀ ଶକ୍ତିପୀଠ, ତାମିଲନାଡୁ

କାଂଚିପୁରମ୍ ର ହୃଦୟସ୍ଥଳ ହେଉଛି କାଂଚି କାମାକ୍ଷୀ ମନ୍ଦିର। ବସ୍ତୁତଃ ସଂପୂର୍ଣ୍ଣ କାଂଚିପୁରମ୍ ନଗରୀ କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରି ରହିଛି। ଭଗବାନ ଶିବ ଓ ଭଗବାନ ବିଷ୍ଣୁଙ୍କ ଭଳି ଅନେକ ଦେବୀ ଦେବତା ମଧ୍ୟ କାଂଚି କାମାକ୍ଷୀ ମନ୍ଦିରକୁ ଘେରି ରହିଛନ୍ତି। କାଂଚି କାମାକ୍ଷୀ ମନ୍ଦିରକୁ ଆନନ୍ଦରେ କାମାକ୍ଷୀ ଅମ୍ମା ମନ୍ଦିର ବୋଲି ମଧ୍ୟ କୁହାଯାଏ। କାଂଚି କାମାକ୍ଷୀ ମନ୍ଦିରର ଗୋଟିଏ ପାର୍ଶ୍ୱରେ ଶିବ କାଂଚି ଅର୍ଥାତ୍ ବଡ଼ କାଂଚି ଅବସ୍ଥିତ। ଏଠାରେ କେତେକ ବିଷ୍ଣୁ ମନ୍ଦିର ସହିତ ଅନେକ ଶିବ ମନ୍ଦିର ସ୍ଥାପିତ ହୋଇଛି। କାଂଚି କାମାକ୍ଷୀ ମନ୍ଦିରର ଅନ୍ୟ ପାର୍ଶ୍ୱରେ ବିଷ୍ଣୁ କାଂଚି ଅର୍ଥାତ୍ ଛୋଟ କାଂଚି ଅବସ୍ଥିତ। ସେଠାରେ ମଧ୍ୟ କେତୋଟି ବିଶାଳ ବିଷ୍ଣୁ ମନ୍ଦିର ତଥା କେତୋଟି ଶିବ ମନ୍ଦିର ମଧ୍ୟ ରହିଛି।

ଏଠାରେ କାମାକ୍ଷୀ ମନ୍ଦିରର ଅସ୍ତିତ୍ୱ ଅନନ୍ତ କାଳରୁ ଅବସ୍ଥିତ ଥିବା କୁହାଯାଏ। ରେକର୍ଡ଼ ଅନୁଯାୟୀ ମନ୍ଦିରର ଶ୍ରୀ ଚକ୍ର କୁ ଆଦି ଶଙ୍କରାଚାର୍ଯ୍ୟ ହିଁ ସ୍ଥାପନା କରିଥିଲେ। ୫ମ ରୁ ୮ମ ଶତାବ୍ଦୀ ମଧ୍ୟରେ କେଉଁ ଏକ ସମୟରେ ଏହି ସ୍ଥାପନା କାର୍ଯ୍ୟ ହୋଇଥିବା ଅନୁମାନ କରାଯାଉଛି। ପୁରାତାତ୍ୱିକ ସାହିତ୍ୟ ଅନୁସାରେ ଏହି ମନ୍ଦିର ପ୍ରାୟ ୧୩୦୦ ବର୍ଷର ପୁରାତନ। ହୁଏତ ଏଠାରେ ପଲ୍ଲବ ସମ୍ରାଟଙ୍କ ଆଧିପତ୍ୟ ଥିଲା ଓ କାଂଚି ପୁରମ୍ ତାଙ୍କ ରାଜଧାନୀ ଥିଲା ବୋଲି କୁହାଯାଉଛି। ସେ ଯାହାହେଉ କାମାକ୍ଷୀ ଦେବୀ ହିଁ କାଂଚିର ଅଧିଷ୍ଠାତ୍ରୀ ଦେବୀ ଥିଲେ, ଏଥିରେ କାହାର ସନ୍ଦେହ ନାହିଁ।

କାଂଚିର କାମାକ୍ଷୀ ମନ୍ଦିର ଭାରତୀୟ ଉପମହାଦେଶର ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଗୋଟିଏ ଓ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶକ୍ତିପୀଠ ଅଟେ। କ୍ରୋଧ ଜର୍ଜରିତ ଶିବ ଯେତେବେଳେ ମା'ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ, ଶିବଙ୍କୁ ଶାନ୍ତ କରିବା ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସେହି ଖଣ୍ଡ ମାନଙ୍କ ମଧ୍ୟରୁ ସତୀଙ୍କ ନାଭିଖଣ୍ଡ ଏଠାରେ ପଡ଼ିଥିଲା। ଆଉ ଏହି ସ୍ଥାନ ଏକ ମହାନ୍ ଶକ୍ତିପୀଠ ଭାବେ ପରିଚିତ।

ଆହୁରି ବି କୁହାଯାଏ ଯେ, ଦେବୀ ଅସୁର ଭଣ୍ଡାସୁକୁ ବଦ୍ଧ କରିବା ପାଇଁ ଏକ କନ୍ୟା ରୂପରେ ଅବତାର ନେଇଥିଲେ ଓ ସେ ଏହି ମନ୍ଦିରରେ ଅଧିଷ୍ଠିତ ଥିଲେ। ଏହି ମନ୍ଦିରକୁ ସ୍ୱୟମ୍ଭୁ ବୋଲି କୁହାଯାଏ। କାରଣ ଏହି ମନ୍ଦିରରେ ଥିବା ମାତାଙ୍କ ମୂର୍ତ୍ତି କାହାରି ଦ୍ୱାରା ତିଆରି ହୋଇନଥିଲା, ବରଂ ସ୍ୱଂୟ ଅବତରିତ ହୋଇଥିଲା। କୁହାଯାଏ ଯେ, ଦେବୀ ଏହି ମନ୍ଦିରରେ ସ୍ଥୁଳ, ସୂକ୍ଷ୍ମ ଓ ଶୂନ୍ୟ ଏପରି ତିନିଟି ସ୍ୱରୂପରେ ବିରାଜମାନ କରିଛନ୍ତି।

ଶାସ୍ତ୍ର ଅନୁଯାୟୀ ଭଗବାନ ଶିବଙ୍କ ସହିତ ବିବାହ କରିବାକୁ ଆଶା କରି କାମାକ୍ଷୀ ଅମ୍ମା ଘୋର ସପସ୍ୟା କରିଥିଲେ। ଶେଷରେ ତାଙ୍କର ଅଭିଳାସ ପୂର୍ଣ୍ଣ ହେଲା ଏବଂ ଫାଲଗୁନ ମାସର ଉତର ନକ୍ଷତ୍ରରେ ଭଗବାନ୍ ଶିବଙ୍କ ସହିତ ତାଙ୍କର ବିବାହ ହେଲା। ଏଠାରେ ମା'କାମାକ୍ଷୀଙ୍କ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ତପସ୍ୟା କରୁଥିବା ସୁନାର ଏକ ମୂର୍ତ୍ତି ରହିଛି। ମା'ଙ୍କର ଏହି ସ୍ୱର୍ଣ୍ଣ ମୂର୍ତ୍ତିକୁ ବଙ୍ଗାରୁ କାମାକ୍ଷୀ ବୋଲି ମଧ୍ୟ କୁହାଯାଏ।

କାଂଚି କାମାକ୍ଷୀ ମନ୍ଦିରର ମୁଖ୍ୟ ଗର୍ଭ ଗୃହକୁ ଗାୟତ୍ରୀ ମଣ୍ଡପ କୁହାଯାଏ। ଏଠାରେ କାମାକ୍ଷୀ ଅମ୍ମା ପଦ୍ମାସନର ଯୋଗମୁଦ୍ରାରେ ବସିଛନ୍ତି। ତାଙ୍କର ଆସନ ପଂଚ ବ୍ରହ୍ମାସନ। କାମାକ୍ଷୀ ଅମ୍ମାଙ୍କର ଚାରି ହାତ ରହିଛି। ତାଙ୍କ ତଳ ହାତରେ ରହିଛି ଆଖୁଖଣ୍ଡ ଓ ପାଂଚଟି ଫୁଲର ଗୁଚ୍ଛ। ଉପର ଦୁଇ ହାତରେ ସେ ଶସ୍ତ୍ର, ଫାଶ ଓ ଦଣ୍ଡ ଧାରଣ କରିଛନ୍ତି। ଦେବୀଙ୍କ ପ୍ରତିମାକୁ ସର୍ବଦା ଉଜ୍ଜ୍ୱଳ ରଙ୍ଗିନ ଶାଢୀ ଓ ସଂପୂର୍ଣ୍ଣ ବେଶଭୂଷାରେ ଅଳଙ୍କୃତ କରାଯାଏ। ଗର୍ଭଗୃହ ଭିତରେ ରୁପାରେ ଝୁଲୁଥିବା ଏକ ସ୍ତମ୍ଭ ରହିଛି। ଏଥିରେ ଏକ ଛିଦ୍ର ରହିଛି, ଯାହା ଦେବୀଙ୍କ ନାଭିର ପ୍ରତିନିଧିତ୍ୱ କରେ। କୁହାଯାଏ ଯେ, ଏହା ଭକ୍ତ ମାନଙ୍କୁ ସନ୍ତାନ ପାଇବାର ବର ପ୍ରଦାନ କରିଥାଏ।

କାମାକ୍ଷୀ ମନ୍ଦିରରେ ପ୍ରତ୍ୟେକ ବର୍ଷ ଫାଲଗୁନ ମାସରେ ଭଗବାନ ଶିବ ଓ କାମାକ୍ଷୀଙ୍କ ମଧ୍ୟରେ ବିବାହ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ବିବାହ ଅଭିଳାଷ ରଖିଥିବା ଯୁବକ ଯୁବତୀ ମାନେ ବହୁ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ଏହିଦିନ ଦେବୀଙ୍କୁ ନୌକାରେ ବସାଯାଇ ବୁଲାଯାଏ। ସେହିପରି ପ୍ରତି ମାଘ ମାସରେ ଏଠାରେ ବାର୍ଷିକ ବ୍ରହ୍ମୋତ୍ସବ ପାଳନ କରାଯାଏ। ଏହି ସମୟରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦେବୀଙ୍କ ରଥ ବାହାରକୁ ଯାଏ। ଉତ୍ସବର ଚତୁର୍ଥ ଦିନ କାମାକ୍ଷୀ ଅମ୍ମା ସୁନାର ସିଂହ ଉପରେ ବସନ୍ତି ତଥା ନବମ ଦିନରେ ରୂପା ନିର୍ମିତ ରଥରେ ବସି ନଗର ଭ୍ରମଣରେ ଯାଆନ୍ତି। ଏହି ଉତ୍ସବ ଦିନ ବା ପୂର୍ଣ୍ଣିମା ପଡୁଥିବା ୧୦ମ ଦିବସ ଓ ଶେଷ ଦିନରେ ଦେବୀ ଓ ତାଙ୍କର ଭକ୍ତମାନେ ମନ୍ଦିରର ଜଳକୁଣ୍ଡରେ ବୁଡ଼ ପକାନ୍ତି।

ପ୍ରତି ବର୍ଷ ଚୈତ୍ର ମାସର ପ୍ରଥମ ଦିବସରେ କାମାକ୍ଷୀ ଅମ୍ମା ନିଜ ସୁନାର ରଥ ଉପରେ ବସନ୍ତି। ଏଭଳି ରଥଯାତ୍ରା ହିନ୍ଦୁ ପାଞ୍ଜି ଅନୁସାରେ ପ୍ରତି ମାସର ପ୍ରଥମ ଦିନ ଆୟୋଜିତ ହୋଇଥାଏ। ଯଦି ତାହା ଶୁକ୍ରବାର ଦିନ ହୁଏ, ସେଦିନ ପୂର୍ଣ୍ଣିମା କିମ୍ବା ଅମାବାସ୍ୟା ହୋଇଥାଏ। କାଂଚିର କାମାକ୍ଷାଙ୍କ ଏହି ରଥଯାତ୍ରାକୁ ଦର୍ଶନ କରିବା ପାଇଁ ସମସ୍ତେ ବ୍ୟାକୁଳ ହୁଅନ୍ତି।

କାଂଚି ପୁରମ୍ ର ଅନ୍ୟ ମନ୍ଦିର ମାନଙ୍କର ରଥଯାତ୍ରା କାଂଚି କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରା ଲଗାନ୍ତି, କାରଣ କାମାକ୍ଷୀ ଦେବୀ କାଂଚିର ପ୍ରମୁଖ ଆରାଧ୍ୟ ଦେବୀ ଅଟନ୍ତି।

ଯାହା ପାଇଁ ଜାତୀୟ ବିଜ୍ଞାନ ଦିବସ !

ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତାପାର୍ବତୀ ଅମ୍ମଳଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ,୧୩ ବର୍ଷରେ ଆଇ.ଏ ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜର ବି.ଏ ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍ଣ ଶରୀର ଏବଂ କମ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍.ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କଣ ଏଇ ଶ୍ରେଣୀର ପିଲା? ତାଙ୍କର ଅସ୍ତି ବାଚକ ଉତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀ ମାନଙ୍କ ମଧ୍ୟରେ। ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ପଷ୍ଟ ଏବଂ ସଠିକ୍ ଉତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେ ଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷା ଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ,ଏ ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଏମ,ଏ ପଢିବା ସମୟର ଦୁଇ ବର୍ଷରୁ ସେ ମାତ୍ର ଗୋଟିଏ ଦିନ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍.ଜୋନସ୍‌ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଳେଶରେ ବୁଝି ପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍‌ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ , ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦା ଜନକ ପଦବୀରେ ନିଯୁକ୍ତି ପାଇଲେ। ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମ ଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣା ରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇ ପାରୁନଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଡବଜାର ଷ୍ଟ୍ରିଟ୍ ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ) ଲେଖା ସାଇନ୍‌ବୋର୍ଡଟିଏ ଝୁଲୁ ଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତକରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ ହେଉଛି, ତା ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡରାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡରାଲେ ଏହି ତଥ୍ୟଟିକୁ ପଢି ସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକ ମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ ,ଏହା କଳ୍ପନା କରି ପାରିନଥିଲେ। ୧୯୧୦ ମସିହାରେ , ଚାକିରୀରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଚ୍ଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ , ବୈଜ୍ଞାନିକ ହିସାବରେସେ ଖ୍ୟାତିଲାଭ କରିସାରିଥିଲେ। ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ। ଯଦି ସେ ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି , ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା ବୋଲି ମତ ପୋଷଣ କରିଥିଲେ, ଚକ୍ରବର୍ତୀ ରାଜଗୋପାଳଚାରୀ। ୧୯୦୬ରେ ବି.ଏ.ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ "ଆଲୋକର ବିଚ୍ଛୁରଣ" ନାମକ ଏକ ବିଜ୍ଞାନ ସନ୍ଦର୍ଭ , ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା।୧୯୨୮ ମସିହା ଫେବୃୟାରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମକପ୍ରଦ ତଥ୍ୟ ଉପସ୍ଥାପନା କରିଥିଲେ, ଯାହାକି "ରମଣ ଇଫେକ୍ଟ"ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ "ଜାତୀୟ ବିଜ୍ଞାନ ଦିବସ"ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ.କାବାନେସ, ଜର୍ମାନ୍ ବୈଜ୍ଞାନିକ ପି.ପ୍ରଙ୍ଗସେ ଓ ଭାରତର ଏଲ୍.ଏ.ରାମଦାସ୍ ରମଣଙ୍କ ସନ୍ଦର୍ଭକୁ "ରମଣ ସିଦ୍ଧାନ୍ତ" ନାମରେ ବିଶ୍ୱ ବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍ ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ।୧୯୪୮ ରେ ତାଙ୍କ ଦ୍ୱାରା "ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ"ସ୍ଥାପିତ ହୋଇଥିଲା,ଯେଉଁଥିରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ, ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆୱାର୍ଡ,୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ,୧୯୩୦ରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହି ବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଗସ୍ ପଦକ,୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ,୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ଋଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ, ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକ ମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା।୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ, କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜଳମୟ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁପୂର୍ବରୁ , ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଳାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରଥିଲେ। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡମ୍ବରରେ,"ରମଣ ଗବେଷଣା କେନ୍ଦ୍ର"ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।

ଅନନ୍ୟ ଜନନାୟକ ବିଜୁ ପଟ୍ଟନାୟକ

ବ୍ୟକ୍ତି ସମକାଳର, ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇ ପଡ଼େ ସମାଜରୁ ରାଷ୍ଟ୍ରକୁ। ଏମିତି ଏକ କାଳଜୟୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବିଜୟାନନ୍ଦ ପଟ୍ଟନାୟକ - ସବୁରି ପ୍ରିୟ ବିଜୁ ପଟ୍ଟନାୟକ। ତାଙ୍କର ଜନ୍ମ ୧୯୧୬ ମସିହା ମାର୍ଚ୍ଚ ୫ତାରିଖରେ କଟକ ତୁଳସୀପୁରସ୍ଥ ପୈତୃକ ବାସଭବନ ଆନନ୍ଦ ଭବନରେ ହୋଇଥିଲା। ବାଲ୍ୟକାଳରୁ ସେ ପ୍ରବଳ ସ୍ୱପ୍ନବିଳାସୀ ଥିଲେ ଓ ପ୍ରାଚୀନ କଳିଙ୍ଗର ହୃତ ଗୌରବ ଫେରାଇ ଆଣିବା ପାଇଁ ଦୃଢ଼ପ୍ରତିଜ୍ଞ ଥିଲେ। କେବଳ ସେତିକି ନୁହେଁ ଚିନ୍ତା ଥିଲା ତାଙ୍କର ସୁଦୂରପ୍ରସାରୀ ଓ କଳ୍ପନା ଥିଲା ଅସାଧାରଣ। ଥରେ ସେ ଯାହା ଚିନ୍ତା କରୁଥିଲେ, ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ନିଷ୍ଠାପର ଉଦ୍ୟମ କରୁଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ସଂକୀର୍ଣ୍ଣ ରାଜନୀତିର ଉର୍ଦ୍ଧ୍ୱରେ, ସେ ଥିଲେ ଯଥାର୍ଥରେ ଜଣେ ଅନନ୍ୟ ଜନନାୟକ।

ବିଜୁ ପଟ୍ଟନାୟକ - କାହିଁ କେହ

ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୦୩

ଶିବରାତ୍ରୀ ଓ ମହା ମୃତ୍ୟୁଞ୍ଜୟ ମନ୍ତ୍ର

ଦେବାଶିଷ ଆଚାର୍ଯ୍ୟ

ପବିତ୍ର ମହାଶିବରାତ୍ରୀରେ ସନାତନ ଆଧ୍ୟାତ୍ମିକ ସଂସ୍କୃତିରେ ମହାମୃତ୍ୟୁଞ୍ଜୟ ମନ୍ତ୍ରର ମହତ୍ୱ ଅତ୍ୟନ୍ତ ଚେତନାଦାୟୀ ଓ କଲ୍ୟାଣକାରୀ ବୋଲି ବିଶ୍ୱାସ ରହିଛିଯ ବିଶ୍ୱାସ ରହିଛି ମୃତ୍ୟୁର ଭୟ ଉପରେ ବିଜୟ ଲାଭ କରିବା ନିମନ୍ତେ ଯେଉଁ ମନ୍ତ୍ର ଅହର୍ନିଶ ଜପ କରାଯାଏ ତାହା ହେଉଛି ମହାମୃତ୍ୟୁଞ୍ଜୟ ମନ୍ତ୍ର ବ୍ରହ୍ମା, ବିଷ୍ଣୁ ଓ ଦେବ ଦେବ ମହେଶ୍ୱର ହିନ୍ଦୁ ଶାସ୍ତ୍ର ବିଧାନରେ ଏମାନେ ହେଉଛନ୍ତି ତ୍ରିମୂର୍ତ୍ତି, ପରଂବ୍ରହ୍ମଙ୍କର ତିନି ସ୍ୱରୂପଯ ସଦ୍‌ଗୁଣର ପ୍ରତୀକ ହେଉଛନ୍ତି ବ୍ରହ୍ମା, ରଜ ଗୁଣର ବିଷ୍ଣୁ ଓ ତମ ଗୁଣର ପ୍ରତୀକ ଭାବେ ଶିବଙ୍କୁ ଆରାଧନା କରାଯାଏଯ ପ୍ରାଚୀନ ବୈଦିକ ବିଶ୍ୱାସରେ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଆଉ ସଂହାର କର୍ତ୍ତା ହେଉଛନ୍ତି ଶିବ। ଶିବ ସଂହାରକର୍ତ୍ତା ହୋଇଥିବାରୁ ମଣିଷର ଜୀବନଚକ୍ରକୁ ନିୟନ୍ତ୍ରଣ କରିବାର ଶକ୍ତି ହିଁ କେବଳ ତାଙ୍କର। ତାଙ୍କୁ ମଧ୍ୟ ମହାଦେବ, ମହା ମୃତ୍ୟୁଞ୍ଜୟ, ମହାଯୋଗୀ, ପଶୁପତି, ନଟରାଜ, ଭୈରବ ଏବଂ ବିଶ୍ୱନାଥ ଆଦି ବହୁ ନାମରେ ପୂଜା କରାଯାଏ। ଶିବଙ୍କର ଅନ୍ୟନାମ ମଧ୍ୟ ହେଉଛି ଆଶୁତୋଷ ଯାହାର ଅର୍ଥ ସେ ଅଳ୍ପକେ ସନ୍ତୁଷ୍ଟ ହୋଇଥାନ୍ତି। ଶିବ ସବୁବେଳେ ଧ୍ୟାନସ୍ଥ। କୈଳାସ ହେଉଛି ତାଙ୍କର ଆବାସଯ ତେଣୁ ତାଙ୍କୁ ମଧ୍ୟ କୈଳାସପତି କୁହାଯାଏ।

ଶିବଙ୍କୁ ସନ୍ତୁଷ୍ଟ କରି ମୃତ୍ୟୁ ଭୟରୁ ରକ୍ଷା ପାଇବା ନିମନ୍ତେ ଯେଉଁ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଏ ତାହାର ସୁନ୍ଦର ବର୍ଣ୍ଣନା ମାର୍କଣ୍ଡେୟ ପୁରାଣରେ ସବିଶେଷ କରାଯାଇଛିଯ ସେହି ମନ୍ତ୍ରଟି ହେଉଛି ନ୍ତଓଁ ତ୍ରଯମ୍ବକମ୍ ଯଜା ମହେ ସୁଗନ୍ଧିଂ ପୁଷ୍ଟି ବର୍ଦ୍ଧନମ୍, ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋର୍ମୁକ୍ଷୀଯ ମାଂମୃତାତ୍‌ଯ' ଅର୍ଥାତ୍ ଆମେ ସେହି ତ୍ରିଲୋଚନ ଶିବଙ୍କୁ ପୂଜା କରୁଛୁ ଯାହାଙ୍କର ଦଯାର ସୁଗନ୍ଧ ଚତୁର୍ଦିଗରେ ବିଚ୍ଛୁରିତ ହୋଇପଡ଼ିଛି ଏବଂ ଯିଏ ହେଉଛନ୍ତି ଭକ୍ତର ରକ୍ଷକଯ ପରିପକ୍ୱ ହୋଇଥିବା ଫୁଟି କାକୁଡି ଯେପରି ସହଜରେ ବୃନ୍ତଚ୍ୟୁତ ହୋଇଯାଏ ଠିକ୍ ସେହିପରି ଭାବେ ତାଙ୍କୁ ପୂଜାକଲେ ଆମେ ମୃତ୍ୟୁଭୟକୁ ଜପ କରି ଅମରତ୍ୱ ଲାଭ କରି ପାରିବୁଯ ହେ ପ୍ରଭୁ, ମୋକ୍ଷ ପ୍ରାପ୍ତି ନିମନ୍ତେ ଆପଣ ମତେ ଦଯା କରନ୍ତୁ ଏବଂ ମୃତ୍ୟୁର କରାଳ ଭୟରୁ ରକ୍ଷା କରନ୍ତୁଯ ମାର୍କଣ୍ଡେୟ ପୁରାଣର ବର୍ଣ୍ଣନା ଅନୁଯାୟୀ ଶିବଙ୍କ ଉପରେ ମାର୍କଣ୍ଡେୟ ଏପରି ତଲ୍ଲୀନ ରହିଥିବାରୁ ସ୍ୱୟଂ ଯମଙ୍କ ଦୂତମାନେ ମଧ୍ୟ ଶରୀରରୁ ଆତ୍ମାକୁ ନେଇପାରିଲେ ନାହିଁଯ ଶିବଙ୍କୁ ଏହି ମନ୍ତ୍ର ଅର୍ପଣ କରାଯାଇ ତାଙ୍କୁ ମହାମୃତ୍ୟୁଞ୍ଜୟ କୁହାଯାଇଛିଯ ଋଗ୍‌ବେଦର ସପ୍ତମ ମଣ୍ଡଳ ୫୯ ଶ୍ଳୋକରେ ଏହା ସ୍ଥାନ ପାଇଛିଯ ବ୍ରହ୍ମର୍ଷି ବଶିଷ୍ଠଙ୍କ ଦ୍ୱାରା ଏହି ମନ୍ତ୍ର ଲେଖାଯାଇଛି। ମନ୍ତ୍ରର ଏକାଦଶ ପଦରେ ଏହାର ଆରମ୍ଭ ହୋଇଛି। ପ୍ରକୃତିର ପାଞ୍ଚ ଶକ୍ତିର ବର୍ଣ୍ଣନା କରାଯାଇଛି। ପ୍ରକୃତିର ଏହି ଶକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପରେ ବଶିଷ୍ଠ ଶେଷ ପଦରେ ଯେଉଁ ମନ୍ତ୍ର ଗାନ କରିଛନ୍ତି ତାହା ହେଉଛି ମହା ମୃତ୍ୟୁଞ୍ଜୟ ମନ୍ତ୍ର। ଏହି ଶକ୍ତିକାରୀ ମନ୍ତ୍ରକୁ ରୁଦ୍ରମନ୍ତ୍ର ଭାବେ କେହି କେହି ସ୍ମରଣପୂର୍ବକ ପାଠ କରିଥାନ୍ତି। ଜୀବନପ୍ରାପ୍ତି ନିମିତ୍ତ ଏହି ଦିବ୍ୟ ସଂଜିବନୀ ଶକ୍ତିଶାଳୀ ମନ୍ତ୍ରକୁ ମୃତ୍ୟୁ ସଂଜିବନୀ ମନ୍ତ୍ର ବୋଲି କୁହାଯାଏ। କାରଣ ଏହାକୁ ଦିବ୍ୟ ନାମସ୍ମରଣ ପୂର୍ବକ ପଠନ କଲେ ଜୀବନପ୍ରାପ୍ତି ହୋଇଥାଏ। ବେଦଜ୍ଞ ମୁନିଋଷିମାନେ ଏହି ମହା ମୃତ୍ୟୁଞ୍ଜୟ ମନ୍ତ୍ରକୁ ବେଦର ହୃଦୟ ବୋଲି କହିଥାଆନ୍ତି। ଗାୟତ୍ରୀ ମନ୍ତ୍ର ସହିତ ଏହାକୁ ଜପ କଲେ ଧ୍ୟାନ ଦୃଢ଼ ହୁଏ ଏବଂ ଅପାର ଶାନ୍ତ ଲାଭ ହୋଇଥାଏଯ ଏହି ମନ୍ତ୍ରକୁ ଜପ କଲେ ଜୀବଶକ୍ତିର ପୁର୍ନବିନ୍ୟାସ ହୁଏ। ଦିବ୍ୟ ଓ ଆଧ୍ୟାତ୍ମିକ ସାଧନ ପ୍ରାପ୍ତି ନିମିତ୍ତ ଏହି ମନ୍ତ୍ର ଦ୍ୱାରା ସ୍ୱାସ୍ଥ୍ୟ ନିରୋଗ ଓ ଅତୁଟ ରହିବା ସହ ଦୀର୍ଘ ଜୀବନ ଲାଭ ହୋଇଥାଏ। କେବଳ ସେତିକିନୁହେଁ ଏହା ଦ୍ୱାରା ଶାନ୍ତି, ପ୍ରଗତି ଓ ସନ୍ତୋଷ ମିଳିଥାଏଯ ପ୍ରାଚୀନ ଆବହମାନ ବୈଦିକ ଯୁଗରୁ ଏହି ମନ୍ତ୍ର ପରାଶକ୍ତି ସହିତ ଜୀବାତ୍ମାକୁ ସଂଯୋଗ କରିଆସିଛି। ଏହାକୁ ଜପ କଲେ ବାୟୁ ମଣ୍ଡଳରେ ସକାରାତ୍ମକ ଶକ୍ତିର ସଂଚାର ହୁଏ।ଜପ କରୁଥିବା ବ୍ୟକ୍ତିର ଚାରିପଟେ ଏକ ଆଧ୍ୟାତ୍ମିକ ବଳଯ ସୃଷ୍ଟି ହୋଇଥାଏ ଯାହାଦ୍ୱାରା ଚର୍ତୁପାର୍ଶ୍ୱରେ ନକରାତ୍ମକ ଶକ୍ତିର ବିନାଶ ହୋଇଥାଏଯ ଏହି ଜପ ପ୍ରାପ୍ତିରେ ଶରୀରର ପ୍ରତ୍ୟେକ ଅଣୁ, ପରମାଣୁ ଓ କଣିକାରେ ଜୀବନ୍ୟାସ ଚେତନା ଜାଗ୍ରତ ହୋଇଥାଏଯ ଏହାସହ ଅଜ୍ଞାତକୁ ଦୂରୀଭୂତ କରିଥାଏଯ ଏହା ପ୍ରତ୍ୟେହ ଜଣେ ଜପ କରିବା ଦ୍ୱାରା ଯେଉଁ ଦୈବୀ ଅଗ୍ନି ନିର୍ଗତ ହୁଏ ତାହା ସମସ୍ତ ପ୍ରକାର ନକାରାତ୍ମକ ଶକ୍ତି ଓ ଚେତନାକୁ ପୋଡ଼ି ଧ୍ୱଂସ କରିବା ସହ ଜପକାରୀକୁ ଆହୁରି ପବିତ୍ର କରିଥାଏଯ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ ଦ୍ୱାରା ଅସାଧ୍ୟ ରୋଗ ଧିରେ ଧିରେ ଦୂରେଇ ଯାଏ। ମୃତ୍ୟୁର ଭୟରୁ ଏହି ମନ୍ତ୍ର ବ୍ୟକ୍ତିକୁ ରକ୍ଷା କରିବା ସହିତ ଅନ୍ତରାତ୍ମା ସହିତ ଆମକୁ ଯୋଡ଼ିଦିଏଯ ଆମ ଭିତରେ ଥିବା ଶିବଙ୍କୁ ଏହା ଜାଗ୍ରତ କରେ ଏବଂ ଜୀବନ ମୃତ୍ୟୁ ଚକ୍ରରୁ ଆତ୍ମାକୁ ମୁକ୍ତ କରିଥାଏ। ଏହା ମୋକ୍ଷ ପ୍ରଦାନ କରେ। ପରମାତ୍ମା ସହିତ ଜୀବାତ୍ମାର ଆଧ୍ୟାତ୍ମିକ ମହା ମିଳନ ହୋଇ ପୁର୍ନଜନ୍ମରୁ ରକ୍ଷା କରେ। ଆସନ୍ତୁ ପବିତ୍ର ମହାଶିବ ରାତ୍ରିରେ ଏହାକୁ ଜପ କରି ଆମ ନିଜର ଓ ସମାଜର ତଥା ସମଗ୍ର ମଣିଷ ଜାତିର କଲ୍ୟାଣ ପାଇଁ ଆଶୁତୋଷ ଶିବଙ୍କ ପାଖରେ ବିନୀତ ପ୍ରାର୍ଥନା କରିବା।

ଦକ୍ଷିଣ ରାଡ଼ଙ୍ଗ, ବଳଗାଁ, ପୁରୀ,
ଦୂରଭାଷ : ୯୭୭୬୮୨୫୦୯୪

ନ୍ତବାଛି ନେବ କଂଚା...'

ଗଣେଶ୍ୱର ନାୟକ

ଆମ ପୂର୍ବ ପୁରୁଷ ବିଜ୍ଞ ଜନ, ସକରାତ୍ମକ ଢଙ୍ଗରେ ଏ ଅମାନିଆ ମନକୁ ମନେଇବାକୁ, ସତ୍ କର୍ମରେ ଜୀବନକୁ ଅଡ଼େଇ ନେବାକୁ ପୁରାଣ, ଗ୍ରନ୍ଥ ଆଦି ରଚନା କରିଛନ୍ତି, ତା ମଧ୍ୟରେ କିଛି ଭୟ ବି ସୃଷ୍ଟି କରିଛନ୍ତି, କାରଣ ଏହି ଭୟ ଟିକକ ସୃଷ୍ଟି କରିବ ଭକ୍ତି, ଗଢ଼ିବ ସମର୍ପଣ ଭାବ । କରୋନା ଭୂତାଣୁ ସଂକ୍ରମଣରେ ସାରା ବିଶ୍ୱ କବଳିତ, ଅନେକ ଜୀବନ କ୍ଷତିଗ୍ରସ୍ତ । ସତେ ଯେପରି ପ୍ରମାଣ ସିଦ୍ଧ କରି ଦେଇଛି, ଟୀକା ଗୋବିନ୍ଦ ଚନ୍ଦ୍ରର ସେହି ମହତ୍ ପଦ୍ୟାବଳୀକୁ, ନ୍ତବାଛି ନେବ କଂଚା, ରଖିବ ପାଚଲା, ଦେବଟି ଦାରୁଣ ଦୁଃଖ । ଆଜି ରହୁଛି ପାଚଲା, ଭୂତାଣୁର କରାଳ ଗ୍ରାସରେ ହଜି ଯାଉଛି କଂଚା । ପୌରାଣିକ ଉପାଖ୍ୟାନ ଅନୁସାରେ ସମସ୍ତେ ଜାଣଂତି, ନ୍ତଭଗବାନ ଯାହା କରନ୍ତି, ପ୍ରାଣୀର ମଂଗଳ ପାଇଁନ୍ତ, ତା ହେଲେ ସେ କାହିଁକି ଯୁବାକୁ ନେଇ, ବୃଦ୍ଧଙ୍କୁ ଏ ଜଗତରେ ରଖିବ ? ଯଦି ତାହା ନୁହେଁ, ତେବେ ମନରେ ଏ ଭ୍ରାନ୍ତ କାହିଁକି ? କଂଚା ଶରୀର କ୍ଷୟ ଯିବ, ପାକଳ ମସ୍ତିଷ୍କ ହିଁ ଜଗତକୁ ଜିଣିବ, ଏହାହିଁ ସଂସାର ନିୟମ । ଆଜି ଯାହାର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଅର୍ଥାତ୍ କଂଚା ଜନ ହିଁ କରୋନା ସଂକ୍ରମଣରେ ନିଜର ହରାଉଛି ଅସ୍ତିତ୍ୱ । ସମାଜରେ ଯାହାର ଜ୍ଞାନ କମ୍, ସେ ହିଁ ଠକାମୀର ଶୀକାର ହୁଏ, ଯନ୍ତ୍ରଣା ଭୋଗେ । କୌଣସି କାର୍ଯ୍ୟରେ ସବିଶେଷ ଜ୍ଞାନ ଅର୍ଜନ ନ କରି, ସେହି କାର୍ଯ୍ୟ କଲେ, ସଫଳତା ଠାରୁ ବିଫଳତାର ସମ୍ଭାବନା ଅଧିକ ହୋଇଥାଏ । ପାକଳ ମସ୍ତିଷ୍କ ହିଁ ସମାଜରେ ଜୀବନକୁ ସୁରୁଖୁରୁରେ ଚଳେଇ ନେବାରେ ସକ୍ଷମ ହୁଏ । ଆମେ ଆଧୁନିକତାର ଦ୍ୱାହିରେ ଶରୀରକୁ ଦୂରେଇ ଦେଉଛେ ପାରମ୍ପାରିକ, ପୋଷଣଯୁକ୍ତ ଖାଦ୍ୟ ଠାରୁ । ପଂଚ ଭୂତର ଶରୀର ଆଧୁନିକ ଖାଦ୍ୟ ପ୍ରଣାଳୀରେ ନିଜର ସୌନ୍ଦର୍ଯ୍ୟ ବଢ଼ାଇ ଦେଇପାରେ ସତ, କିନ୍ତୁ ହରାଇ ଦେଉଛି ନିଜର ପ୍ରାକୃତିକ ପ୍ରକ୍ରିୟା, ଯାହା ପ୍ରକୃତିଗତ ରୋଗ ପ୍ରତିରୋଧ ଶକ୍ତି । ରୋଚକ ଉଦାହରଣ ନିଆ ଯାଇପାରେ, ଆହା ଛେଳି ମାଂସ କେଡ଼େ ସୁସ୍ୱାଦୁ, ଅନେକ ଚାହିଦା ତାହାର, ଅନେକ ଜୀବସାର ସୁକ୍ତ, ଖାଦ୍ୟ ମଧ୍ୟରେ କେଡ଼େ ମୂଲ୍ୟବାନ ସତେ । କିନ୍ତୁ ତାହାର ଆଧାର ବୋଇଲେ ସେହି ଡାଳ ପତ୍ର, ଆଉ ତୃଣର କଂଚା ମୂଳ । ତା' ହେଲେ ମଣିଷ ଭଳି ତୃଣ ଭୋଜୀ ସାମାଜିକ ପ୍ରାଣୀର ଶରୀର ପ୍ରତି ଏତେ ଅବହେଳା କାହିଁକି ? ଏତେ ପ୍ରତିଯୋଗିତା ମୂଳକ ଜୀବନ କାହିଁକି ? ଯେଉଁଠି ମଣିଷ ହରାଉଛି ନିଜର ଅସ୍ତିତ୍ୱ, ଭୁଲି ଯାଉଛି ନିଜକୁ, ଭୁଲି ଯାଉଛି ନିଜ ଶରୀରର ଯତ୍ନ, ଅର୍ଜନ କରୁଛି ମଧୁମେହ ଭଳି ରୋଗ, ଆଉ ତା ପାଇଁ ବାରଣ ହୋଇ ଯାଉଛି, ପ୍ରକୃତି ସୃଷ୍ଟିର ଅନେକ ପନିପରିବା, ଫଳମୂଳ । କି ଜୀବନ ଇଏ ସତେ ? ଶରୀର ଥିଲେ ତ ସର୍ବ ପାଇ । ଉତମ ଖାଦ୍ୟ ତ ଶରୀର ପାଇଁ ପ୍ରଥମ ଔଷଧ, ଆଉ ଉଚିତ ବିଶ୍ରାମ ବି ଲୋଡ଼ା । ବଂଚିବା ପାଇଁ ତ ଖାଦ୍ୟ, ଖାଦ୍ୟ ଖାଇବା ପାଇଁ ବଂଚିବା, ଏ ଦୁର୍ଲ୍ଲଭ ଜୀବନର ମୂଳମନ୍ତ୍ର ନୁହେଁ ।ସେଥିପାଇଁ ବୋଧେ ମା ଟେକି ଦେଲା ଆୁଳାଏ ଚାଉଳ ପୁଅର କାନିକୁ, କଢ଼େଇ ଦେଲା ବାଟ, ଆପଣେଇବାକୁ ଯୋଗୀର ସାଧନା । ଯୋଗୀର ଜୀବନ ବିଳାସବ୍ୟସନ ଠାରୁ ବହୁ ଦୂର, ଜ୍ଞାନ ଅର୍ଜନରେ ସଦା ମସ୍ତିଷ୍କ ହେବ ପାକଳ, ପ୍ରକୃତିରେ ଭ୍ରମି ଶରୀର ହେବ ଶକ୍ତ । ତେବେ ଯାଇଁ ସିନା କାଳ ଯମକୁ ଜିଣିବ । ସର୍ବଂ ସହା ପ୍ରକୃତି ନିଜର ସନ୍ତୁଳନ ପାଇଁ ହେଉ ଅବା ମଣିଷର ତାଡ଼ନାକୁ ପ୍ରତିହତ କରିବାକୁ ହେଉ, ଏପରି ମହାମାରୀ ଆପଣାଇ ଥାଇପାରେ । କିନ୍ତୁ ସମାଜରେ ବଂଚିବାକୁ ହେଲେ, ସେ କୃତିମ ବା ପ୍ରାକୃତିକ ଅଘଟଣ ବା କେହି ଭାବିପାରେ କାଳଯମ, ତାକୁ ପ୍ରତିହତ କରି ଆଗେଇବାକୁ ହେଲେ, ନୀରୋଗ ଶରୀର, ସୁଜ୍ଞାନରେ ସୁସଜ୍ଜିତ ମସ୍ତିଷ୍କ ହିଁ ଲୋଡ଼ା । ସଚେତନ ମଣିଷ ହିଁ ଉଚିତ ପାତ୍ର ସମାଜରେ ଆନନ୍ଦ ପାଇବା ପାଇଁ, ଅସଚେତନ ମଣିଷ ହିଁ ଦୁଃଖ ପାଇବାର ପାତ୍ର, ଆଉ ସୁଅ ମୁହଁର ପତର । ଅନ୍ୟଥା ମନେପକାଇବା ସେହି ଉକ୍ତିକୁ ଯାହାକୁ ଆମେ ଓଲଟା ଅର୍ଥରେ ବୁଝୁଥିଲେ ବୋଧେ, ସେହି କାଳ ଯମ ବଡ଼ ଦାରୁଣ ଲୋ, ନ ଜାଣଇ ସୁଖ, ଦୁଃଖ...।

ଗୋଗଳ, କାଏମା, ଯାଜପୁର-
୭୫୫୦୦୮
ମୋ-୯୭୭୭୭୪୯୭୨୭

ଓଡ଼ିଶା ନିର୍ବାଚନ : ରଣନୀତିରେ ବିଜେପି

ଏସ୍. ସୁରେନ୍ଦ୍ରନନ୍ଦନ

ଓଡ଼ିଶାରେ ନିର୍ବାଚନୀ ତାତି ଚାରିଆଡ଼େ ମାଡ଼ି ଗଲାଣି। ସବୁ ଦଳ ନିଜ ନିଜ ରଣନୀତି ନେଇ ପୁରା ମୈଦାନରେ ତୟାର। ସେପଟେ ନୂଆ ଦିଲ୍ଲୀରେ ମୋଦୀଙ୍କ ଗର୍ଜନ ବି ଶୁଣନ୍ତୁ। ଦଳୀୟ କର୍ମୀଙ୍କୁ ବିଜୟର ଲଢ଼େଇ ପାଇଁ କର୍ଣ୍ଣମନ୍ତ୍ରୀ ଦେଇ ସିଂହ ହେଣ୍ଟାଳ ବି ଛାଡ଼ିଲେଣି। ଦେଖାଇଲେଣି ବଡ଼ ବଡ଼ ସ୍ୱପ୍ନ। ସ୍ୱପ୍ନ ବିରାଟ, ସଂକଳ୍ପ ବିରାଟ। ଏହି ନୂଆ ଶକ୍ତି ସଞ୍ଚାରର ମନ୍ତ୍ର ଦେଇ କର୍ମକର୍ତ୍ତାଙ୍କୁ ଭାଜପାର ରାଷ୍ଟ୍ରୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ତଥା ବିଜେପିର ଚେହେରା ନରେନ୍ଦ୍ର ମୋଦୀ ଯେଉଁ ଗୁରୁମନ୍ତ୍ର ଦେଇଛନ୍ତି ତାହା ସେମାନଙ୍କ ପାଇଁ ସଞ୍ଜିବନୀ ହୋଇଛି। ଆସନ୍ତା ୧୦୦ ଦିନ ଭିତରେ ପ୍ରତିଟି ଭୋଟରଙ୍କୁ ଭେଟିବା ପାଇଁ ପରାମର୍ଶ ଦେଇ ନୂଆ ଶକ୍ତି, ନୂଆ ଉତ୍ସାହ, ନୂଆ ବିଶ୍ୱାସ, ନୂଆ ଯୋଶ ସହ କାମ କରିବାର ଅଛି ବୋଲି ବାର୍ତ୍ତା ଦେଇ ପ୍ରତିଟି ନୂଆ ମତଦାତାଙ୍କ ସହ ଲାଭାର୍ଥୀ ପ୍ରତି ବର୍ଗ, ପ୍ରତି ସମାଜ ଏବଂ ପ୍ରତିଟି ବ୍ୟକ୍ତିଙ୍କ ନିକଟରେ ପହଞ୍ଚି ସେମାନଙ୍କର ବିଶ୍ୱାସ ହାସଲ କରିବାର ଅଛି ବୋଲି ଜଣାଇ ବିଜେପିର ତୃଣମୂଳ ସ୍ତରରୁ ପ୍ରତିଟି କର୍ମୀଙ୍କୁ ଆହୁରି ପରିଶ୍ରମ କରିବାକୁ ପଡ଼ିବ ବୋଲି ପରାମର୍ଶ ଦେଇଛନ୍ତି। ମୋଦିଜୀଙ୍କ ମନ୍ତ୍ରର ପ୍ରଭାବ ଓଡ଼ିଶାରେ କିଭଳି ଓ କେବେ ପଡ଼ିବ ତାହା ମଧ୍ୟ ଆସନ୍ତା ଗୋଟିଏ ସପ୍ତାହ ଭିତରେ ପ୍ରାୟତଃ ସ୍ପଷ୍ଟ ହୋଇଯିବ। କାରଣ ବିଜେପିର ବଡ଼ ବଡ଼ ନେତା ଆଗପଛ ହୋଇ ଓଡ଼ିଶା ଆସି ଦଳକୁ ବଳ ଦେଉଛନ୍ତି। ତେବେ ଭାଜପାର ବଡ଼ ସମସ୍ୟାଟି ହେଉଛି ମେଣ୍ଟ ବାବଦରେ ଯେଉଁ ପ୍ରକାର ଗୁଜବ ଚାଲିଛି ତାକୁ କାଟିବା। ତେବେ କିଛିଦିନ ତଳେ ଓଡ଼ିଶାର ଏକ ବଡ଼ ଖବରକାଗଜରୁ ବିଜେପିର ଚାଣକ୍ୟ କୁହାଯାଉଥିବା ଅମିତ ଶାହା ଯାହା କହିଥିଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଥିଲେ ଆମ ଦଳ ଦୀର୍ଘସୂତ୍ରୀ ଢ଼ଙ୍ଗରେ ଯୋଜନା ତିଆରି କରୁଛି। ଓଡ଼ିଶାରେ ବିଜେପି ପ୍ରତି ଲୋକସମର୍ଥନ ବଢୁଥିବାବେଳେ ଓଡ଼ିଶା ପାଇଁ ଆମେ ସ୍ୱତନ୍ତ୍ର ରଣନୀତି ରଖିଛୁ। ତେବେ ଅସଲ କଥାଟି ହେଉଛି ସ୍ୱତନ୍ତ୍ର ରଣନୀତିଟି କ'ଣ ? ଓଡ଼ିଶାରେ ନିର୍ବାଚନୀ ପ୍ରସ୍ତୁତିକୁ ଦେଖିଲେ ବିଜେଡ଼ି ବହୁ ଆଗରେ ଓ ବହୁ ପୂର୍ବରୁ ବି ଏକ ପ୍ରକାର ପ୍ରସ୍ତୁତ ହୋଇସାରିଛି। ଉଭୟ ଦଳର ମିଶ୍ରଣ ପର୍ବ ସବୁ ଚାଲିଛି।

ଓଡ଼ିଶାରେ ସାଧାରଣ ଓ ବିଧାନସଭା ଦୁଇ ଦୁଇଟି ନିର୍ବାଚନର ସରଗରମ ତାତି ଭିତରେ ଓଡ଼ିଶା ବିଜେପି ତାର ରଣନୀତିକୁ ଆଗେଇଛି। ୧୪୭ଟି ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ତାର ପ୍ରାଥମିକ ଭାବେ ପ୍ରାର୍ଥୀ ତାଲିକା ସହ ସମସ୍ତ ଲୋକସଭା ନିର୍ବାଚନ ପାଇଁ ମଧ୍ୟ ଚେହେରା ବାଛି ସାରିଥିବାର ଖବର ରାଜ୍ୟ ରାଜନୀତିକୁ ସରଗରମ କରିଛି। ତେବେ ଓଡ଼ିଶାରେ ବିଜେଡ଼ି ବିଜେପି ମେଣ୍ଟ ହେବ କି ନାହିଁ ଏହି ଚର୍ଚ୍ଚା ରାଜନୀତି ପାଣିପାଗକୁ ଆହୁରି ତେଜୀୟାନ କରିଛି। ଉଭୟ ଦଳର ବଡ଼ ବଡ଼ ନେତା ଏହି ଚର୍ଚ୍ଚାକୁ ଯଦିଓ ଏଡ଼ାଇ ଦେଇଛନ୍ତି ତେବେ ବିଜେପିର ଲୋକ ସଭା ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର ଏହି ମେଣ୍ଟ ଚର୍ଚ୍ଚାକୁ ନେଇ ଖୋଲାଖୋଲି ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରୀୟ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ଆମେ ତାକୁ ସ୍ୱୀକାର କରିବୁ। ତେବେ ରାଜନୈତିକ ସମୀକ୍ଷକମାନେ ଏ ନେଇ ଗୁଡ଼ିର ଅନ୍ଦାଜ ବି କରିଛନ୍ତି। କାରଣ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟସଭା ନିର୍ବାଚନ ସମୟରେ ପ୍ରାର୍ଥୀତ୍ୱକୁ ନେଇ ବିଜେଡ଼ି ଯେଉଁ ସମର୍ଥନ ଦେଇଥିଲା ସେହି ସମୟରୁ କିଛି ଆଭାସ ମଧ୍ୟ ମିଳିଥିଲା। ଏହାପରେ ନିଆଁରେ ଘିଅ ଢ଼ାଳିବା ପରି ପ୍ରଧାନମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ସମୟର ମନ୍ତବ୍ୟଟି ଥିଲା। ସରକାରୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ବନ୍ଧୁ ବୋଲି ଅଭିହିତ କରିଥିଲେ।

ଓଡ଼ିଶା ବିଜେପିର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ନିର୍ବାଚନୀ ଇସ୍ତାହାର କମିଟି ତାର କାର୍ଯ୍ୟ ଆରମ୍ଭ କରିଛି। ବିଜେପି ରାଜ୍ୟର ସମସ୍ତ ଲୋକସଭା ଓ ବିଧାନସଭା କ୍ଷେତ୍ରକୁ ଦୁଇଜଣ ଲେଖାଏଁ ପର୍ଯ୍ୟବେକ୍ଷକ ପଠାଇବା ସହ ରାଜ୍ୟରେ ଏକ କାଳୀନ ହେବାକୁ ଥିବା ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଦଳ ପୁରା ପ୍ରସ୍ତୁତ ରହିଛି। ଆସନ୍ତା ପ୍ରଥମ ସପ୍ତାହରେ ପ୍ରଧାନ ମନ୍ତ୍ରୀ ଓଡ଼ିଶା ଆସି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପରେ ଚଣ୍ଡୀଖୋଲରେ ଏକ ସଭାରେ ଯୋଗ ଦେବେ। ସେଇଠୁ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ବିଜେପିର ନିର୍ବାଚନ ବିଗୁଲ ଏକ ପ୍ରକାର ବଜାଇବେ କହିଲେ ଅତ୍ୟୁକ୍ତି ହେବନାହିଁ। କେନ୍ଦ୍ର ବିଜେପି ପ୍ରଥମ ପର୍ଯ୍ୟାୟରେ ଯେଉଁ ୧୦୦ ଜଣିଆ ଲୋକସଭା ପ୍ରାର୍ଥୀ ଘୋଷଣା କରିବ ସେଥିରୁ ଓଡ଼ିଶାର ତିନୋଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇପାରେ। ମର୍ଯ୍ୟାଦାଜନକ ବଳାଙ୍ଗୀର ପାଇଁ ବର୍ତ୍ତମାନର ସାଂସଦ ସଂଗୀତା ସିଂହଦେଓ, କଟକ ପାଇଁ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ପୁରୀ ପାଇଁ ସମ୍ବିତ ପାତ୍ର। ତ

ବୋଉ, ଝିଅ ଓ ପୁଷ

ସୁଦର୍ଶନ ମହାପାତ୍ର

ହ୍ୱାଟସ ଆପ୍ ରେ ଝିଅ ଫଟୋ ପରିବର୍ତ୍ତ ? ପୁଷି ବିଲେଇର ଚିତ୍ର ଦେଖି ମୁଁ ଯେତିକି ଆମୋଦିତ ହେଲି ସେତିକି ଚିନ୍ତାରେ ପଡିଲି । ହେଲେ ଏତିକି ଜାଣି ପାରିଲି ଯେ ନିଜ ଫଟୋ ହଟେଇ ଏଇ କ୍ୟୁଟ ବିଲେଇ ର ଫଟୋ ଝିଅ ହିଁ ଅପଲୋଡ଼ କରିଛି ।

ଘରେ ବିଲେଇଟିଏ ପାଳିବ ବୋଲି କେତେ ଦିନ ଧରି ମୋ ସାଙ୍ଗରେ ଲଗେଇଥିଲା ସେ । ତା ଆଗରୁ ମାମାଙ୍କୁ ଫୁସୁଲେଇ କାମ ଆଦାୟ କରିବ ବୋଲି ଚେଷ୍ଟା କରି ବିଫଳ ହୋଇଥିଲା ବିଚାରି ।ବିଲେଇ ସଂକ୍ରାନ୍ତୀୟ କେତେ ସବୁ ଭଲ କଥା,ଯଥା–

ଆମ ଘରେ କେବେ ବି ମୂଷା ଅସରପା ହେବେନି, କୁକୁର ଭଳି ଅଯଥାରେ ଭୋ ଭୋ ହେବନି,କାହାର କିଛି କ୍ଷତି କରିବନି, ସେ ସ୍ୱାଧୀନ ଭାବରେ ବୁଲି ପାରିବ, ଆଲାସ୍କା ସହରରେ ଗୋଟିଏ ବିଲେଇ କୋଡ଼ିଏ ବର୍ଷ ଧରି ମେୟର ଥିଲା ଇତ୍ୟାଦି ଇତ୍ୟାଦି.. ବିଷୟରେ ବଡ ଆଗ୍ରହରେ ମୋ ଆଗରେ ବଖାଣି ଥିଲା ।

–‘ ଆରେ, ଆମ ଘରେ ତ ଗୋଟିଏ ଲଭଲି ପୁଷି ତୁ ଅଛୁ ।ଆଉ ଗୋଟିଏ କ’ଣ ଦରକାର ?‘

–‘ ତୁମର ସିନା ଅଛି, ମୋର ଗୋଟିଏ ଦରକାର ।‘ ରାଗିକି କହିଲା ଝିଅ ।

ଏଥର ମୁଁ ତାକୁ ପ୍ରସିଦ୍ଧ ଗାଳ୍ପିକ ବାମା ଚରଣ ମିତ୍ର ଙ୍କ ଗଳ୍ପ ‘ମିମିର ସାହିତ୍ୟ ଶିକ୍ଷା‘ କହିବା ଛଳରେ ସେଇ ବିଲେଇ ପାଇଁ ମିମି ର ପାଠ ହେଉନଥିଲା ବୋଲି ମଜାରେ କହିଲି । ସେ କିନ୍ତୁ ଥିଲା ନଛୋଡବନ୍ଧା । କିଛି ବୁଝିବା ମୁଡ଼ରେ ହିଁ ନଥିଲା ।

–‘ ମୁଁ ତା ପଛରେ ଜମା ପାଠପଢ଼ା ସମୟ ନଷ୍ଟ କରିବିନି ।ପ୍ରମିଶ୍ ବାବା ପ୍ରମିଶ୍ ।‘ ମୋତେ ମନେଇବାକୁ ଚେଷ୍ଟା କରୁଥିଲା ମୋ ଅଳିଅଳି ଝିଅ ମାମୁନି ।

–‘ ଆଚ୍ଛା ହେଉ । ଆଗକୁ ପରୀକ୍ଷା ଅଛି ।ତୁ ମନଦେଇ ପଢ଼ାପଢ଼ି କର ।ଯଦି ଭଲ ନମ୍ବର ଆଣିବୁ, ମୁଁ ବି ପ୍ରମିଶ୍ କରୁଛି ତୋ କଥା ରଖିବି । ଆମ ଦି’ ଜଣ ଯାଇଁ ଭଲ ପୁଷିଟିଏ ଆଣିବା ,ହେଲା ।‘

–‘ ତୁମେ ଜମା ଆଣିବନି । ଗତବର୍ଷ ତ ସେଇଆ କହିଥିଲ । ମୁଁ ଭଲ ମାର୍କ ତ ରଖିଥିଲି । ଏଥର ବି ଚିଟିଂ କରିବ ମୁଁ ଜାଣେ ।‘ ମୁହଁ ଫୁଲେଇ ଦୁମ୍ ଦୁମ୍ ହୋଇ ମୋ ପାଖରୁ ଚାଲିଗଲା ଝିଅ ।

ଦୁଇ ଦିନ ଧରି ମୋ ସାଙ୍ଗରେ କଥା ହେଉନଥିଲା ସେ ।ଆଉ ଆଜି ଦେଖିଲି ଫୋନରେ ତା’ ମୁହଁ ବଦଳରେ ପୁଷି ବିଲେଇର ଡିପି ।

ଝିଅ କୁ ପାଖକୁ ଡାକି ବୁଝେଇବାକୁ ଚେଷ୍ଟା କଲି ଆଉଥରେ । ‘ ତୁମେ ପରା କହିଥିଲ ମୁଁ ତୁମ ପୁଷି । ତା’ହେଲେ ମୋ ଜାଗାରେ ସେଇ ପୁଷିର ଛବିକୁ ଦେଖ ।‘ ଆଖି ଛଳଛଳ କରି ମୁହଁ ବୁଲେଇ ଚାଲିଗଲା ମାମୁନି ।

ଆରେ ବାପରେ ! ମୁଁ ବୁଝି ପାରୁଥିଲି ଝିଅର ଅଭିମାନକୁ..! ତା’ର ବିଲେଇଟିଏ ପେଟ କରିବାର ଆଗ୍ରହକୁ...!

ମନେ ପଡିଲା ମୋ ବୋଉ ର ପୋଷା ବିଲେଇ ’ଶଂଖ୍’ କଥା ।ଏଡିକି ବକଟେ ଛୁଆରୁ ବଡ ହେଲା ପର୍ଯ୍ୟନ୍ତ ସେ ବୋଉର ଗେହ୍ଲା ହୋଇ ରହିଥିଲା । ମାମୁନି ବୋଧହୁଏ ସେଇ ଗୁଣସୂତ୍ରରେ ବିଲେଇ ପାଳିବ ବୋଲି ଏମିତି ବାୟାଣୀ ଭଳି ହେଉଛି । ମନେ ମନେ ହସିଲି ।

ବୋଉ ତା’ ପୋଷା ବିଲେଇ ଶଂଖ୍ କଥା କହେ ।

ଯାଉଣୁ ଆସୁଣୁ ଶଂଖ୍ ବୋଉ ପାଖକୁ ଆସି ଗୋଡରେ ଘଷି ହୁଏ । ବୋଉ କୋଳରେ ଶୋଇ ଘୁଡୁରୁ ଘୁଡୁରୁ ହୁଏ, ବୋଉ ପାଖରେ ଶୁଏ । ଖାଇବା ସମୟ ହେଲେ ପାଖକୁ ଆସି ଧୀର କଣ୍ଠରେ ମ୍ୟାଉଁ ମ୍ୟାଉଁ ହୁଏ । ଯେଉଁଦିନ ଆଇଁଷ ବାସ୍ନା ତା ନାକରେ ବାଜିବ ସେଦିନ ବେଶି ବେଶି ଫୁଲେଇ ହୁଏ ।

ଧିରେ ଧିରେ ଶଂଖ୍ ବଡ଼ ହେଲା । ହେଲେ ବୋଉ ପିଛା ଛାଡୁ ନଥିଲା ।ଘରେ କ୍ଷୀର ଭାତ ଖାଏ । ମାଛ ଆଇଁଷ ହେଲେ ସେ ତା’ର ଖୁସି ନିଜସ୍ୱ ଢଙ୍ଗରେ ବ୍ୟକ୍ତ କରେ । କେବେ କେବେ ପାଖ ପଡ଼ୋଶୀଙ୍କ ଘରକୁ ଯାଇ ମାଛ କଣ୍ଟା ଆଦି ଖାଇ ଓରିମାନା ମେଣ୍ଟାଇ ଆସେ । ମଝିରେ ମଝିରେ ଆଣ୍ଠୁ ରୁ କିମ୍ବା କେଉଁ ଗଳି କନ୍ଦିରୁ ମୂଷା ମାରେ । ମଲାମୂଷା କୁ ଧରି ବାହାରକୁ ଯାଇ,ଖାଇ ସଫା ସୁତୁରା ହୋଇ ସୁନାପିଲା ପରି ଘରକୁ ଫେରେ ।

ହଠାତ୍ ଦିନେ ଆଶ୍ଚର୍ଯ୍ୟ ଘଟଣା ଟିଏ ଘଟାଇଥିଲା ଶଂଖ୍ । ବୋଉ ପାଖରେ ସେଦିନ ଲସର ପସର ହୋଇ ମିଆଁଉ ମିଆଁଉ ହୋଇ ଯେମିତି କିଛି କହିବାକୁ ଚାହୁଁଥିଲା । ବୋଉ ତା’ଭାଷା ଯେମିତି ବୁଝି ପାରିଥିଲା ।ବସିବା ଜାଗାରୁ ଉଠିଲା ମାତ୍ରେ, ସେ ଆଗେ ଆଗେ ଚାଲି ବାଟ କଢେଇ ନେଲା ଗୁହାଳ ଆଡକୁ । ଶଂଖ୍ ପଛେ ପଛେ ବୋଉ ।

ମାଗୁର ମାଛଟିଏ ଛଟପଟ ହେଉଥିଲା ଗୁହାଳେ ।ଆଉ ନିସ୍ତାର ନାହିଁ । ତା’ ଅଳି ବୋଉକୁ ଛୁଇଁ ସାରିଥିଲା । ଅଗତ୍ୟା ମାଛ କାଟି, ଭାଜି ତାକୁ ଦେଲାପରେ ଯାଇ ସେ ଶାନ୍ତ ପଡିଲା । ହେଲେ ସେଦିନ ଗୁରୁବାର ଥିବାରୁ ବୋଉ ଖୁବ୍ ଗାଳି ଖାଇଥିଲା ଆଇଙ୍କ ଠାରୁ ।

କିଛି ଦିନ ଉତ୍ତାରୁ ଶଂଖ୍ ମା ହେବାକୁ ବସିଲା । ଯେଉଁଦିନ ସେ କଷ୍ଟ ପାଇଲା ବୋଉ ହାତର ଆଉଁସା ଖୁବ୍ ପାଇଥିଲା । ଶଂଖ୍ ନିଜେ ବୋଉ ଲୁଗାକୁ କାମୁଡି ସେ ନିରୂପଣ କରିଥିବା ଏନ୍ତୁଡି ସ୍ଥାନ ଦେଖାଇଦେଲା ।ଅଖା, ଛିଣ୍ଡା ଲୁଗା ପାରି ବୋଉ ତା ପାଇଁ ଆରାମଦାୟକ ବିଛଣାଟିଏ ତିଆରି କରିଦେଇଥିଲା । ହେଲେ ଦିନେ ଦୁଇ ଦିନ ଭିତରେ ଶଂଖ୍ ବିପଦଟିଏ ସାମ୍ନା କଲା ତା ଜୀବନରେ । ତା’ର ଓ ବୋଉର ଶତ ସତର୍କତା ସତ୍ତ୍ୱେ ଚାରୋଟି ଛୁଆରୁ ଗୋଟିଏ କୁ ନିପାତ କରି ଦେଇଥିଲା ଭୂଆଁ ବିରାଡିଟିଏ । ସେଇ ଛୁଆଟି ଅଣ୍ଡିରା ଥିଲା ବୋଲି ସମସ୍ତେ କହିଲେ । ସେଦିନ ଶଂଖ୍ ର ଦୁଃଖ ସହିନପାରି ବୋଉ ବି କାନ୍ଦି ପକେଇଥିଲା ।

ବୋଉ ର ବାହାଘର ପରେ ଶଂଖ୍ ରହିଗଲା ତା’ ଜାଗାରେ । ଗୋଟିଏ ଗାଁ ଛାଡି ଆମ ମାମୁଘର । ବୋଉ ଯେବେ ବାପଘରକୁ ଯାଏ ଶଂଖ୍ ତା’ର ଆନୁଗତ୍ୟ ଦେଖାଇବାକୁ ଭୁଲେନା । ବୋଉର ଅବର୍ତ୍ତମାନରେ,ଶଂଖ୍ ଉପରେ ସବୁବେଳେ ଗରଗର ହେଉଥିବା ଆଇ କିନ୍ତୁ ତା କଥା ବୁଝିବାରେ ଲାଗିଥିଲେ ।

ବୋଉ ଆମ ଘରେ ଥିଲା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ଦିନେ ଶଂଖ୍ ଉଭା ହେଲା । କେମିତି ଆସିଲା ଏତେ ବାଟ ? ଘର ଚିହ୍ନିଲା କେମିତି ? ସେ ଯାହା ହେଉ ତା’ର ଆସିବାର କାରଣ ବୋଉ ବୁଝି ପାରିଲା ତା ହାବଭାବରୁ । ଆଇଙ୍କ ଦେହ ଖରାପ ଥିଲା ବୋଲି ବୋଉ ଜାଣିଥିଲା । ମନରେ ଛନକା ପଶିଲା । କିଛି ଅଘଟଣ ଘଟିଲା କି ? ଖବର ମିଳିଲା ଟିକିଏ ପରେ । ବୋଉ ଯାହା ଅନୁମାନ କରୁଥିଲା ସେଇଟା ସତ । ଶଂଖ୍ ସହ ବୋଉ ଏକା ନିଃଶ୍ୱାସକେ ପହଞ୍ଚି ଯାଇଥିଲା ମାମୁଘରେ ।

ସମସ୍ତଙ୍କ ସହ ଶଂଖ୍ ବି ପାଳନ କରିଥିଲା ବିଧି ବିଧାନକୁ ।ଆମିଷ ଆଣି ଛୁଇଁ ନଥିଲା ଏବଂ ସର୍ବୋପରି ଦୀପ ଜଳୁଥିବା ଘରେ ଅନବରତ ପହରା ଦେଉଥିଲା ଶଂଖ୍ ।

ଆଉଥରେ ବି ଶଂଖ୍ ଆସିଥିଲା ଆମ ଘରକୁ । ଏଥର କିନ୍ତୁ ସାଙ୍ଗରେ ଆଣିଥିଲା ତା’ର ଗୋଟିଏ ଛୁଆକୁ ।ଆସନ୍ନ ବିପଦରୁ ବଞ୍ଚାଇବାକୁ ଯେମିତି ଶରଣ ପଶିଛି ସେ । ଅଣ୍ଡିରା ଛୁଆଟିକୁ ବୋଉ ପାଖରେ ଥୋଇଦେଇ, ସେ ଫେରି ଯାଇଥିଲା ତା ବାକି ଛୁଆଙ୍କ ପାଖକୁ । ଶଂଖ୍‌ର ବୋଉ ଉପରେ ଅଗାଧ ବିଶ୍ୱାସ ସେ ପର୍ଯ୍ୟନ୍ତ ବଳବତ୍ତର ଥିଲା । ଯେ ଗଲା ଆଉ ଦିନେ ବି ସେଇ ଛୁଆକୁ ଦେଖିବାକୁ ଆସି ନଥିଲା ସେ ।ସେ ଛୁଆଟି ବୋଉ ମାର୍ଫତରେ ବଡ ହେଲା ପରେ ହଠାତ୍ ଦିନେ କେଉଁଆଡେ ଚାଲିଗଲା । ସେଇଦିନୁ ଆମଘରେ ଆଉ ବିଲେଇ ନାହାନ୍ତି ।

ଶଂଖ୍ କଥା ବୋଉ କହିଲେ ଖୁସିରେ ଯେମିତି କୁରୁଳି ଉଠେ । ଆମ ଆଖି ଆଗରେ ଅଶୀତିପର ମୋ ବୋଉ କୁନି ଝିଅଟିଏ ହୋଇଯାଏ ।

ଝିଅର ଏଥର ପରୀକ୍ଷା ସରିବାପରେ ବିଲେଇଟେ ଆଣି ପାଳିବାକୁ ଇତି ମଧ୍ୟରେ ମୁଁ ପତ୍ନୀ ଙ୍କୁ ମନେଇଲି । ସେଇ ଖୁସିରେ ଝିଅ ବି ଖୁବ୍ ମନଦେଇ ପଢ଼ାପଢ଼ି କରୁଛି...!!!

କୁଞ୍ଜବିହାରୀ ଲେନ, କଟକ

ମୁଲୁମାଇଲେ ଯିବ ସରି

ସୁଚରିତା ମହାନ୍ତି

କଥା ଛଳରେ ଅନେକ କଥା ପଦାକୁ ବାହାରି ଆସେ । ତା’ଭିତରେ ଖୁନ୍ଦିଖାନ୍ଦି ହୋଇ ରହିଥାଏ କାହିଁ କେତେ ବାସ୍ତବ ଓ ଅବାସ୍ତବ ଜୀବନର ରୂପରେଖ ।

ବିଛଣା ଛାଡ଼ିବା ଠାରୁ ବିଛଣା ଧରିବା ଯାଏ କେତେ ପ୍ରକାର କାମ,ଚିନ୍ତା ଓ ଚରିତ୍ର ଆମ ଚାରିପାଖେ ଆବୁରୁ ଜାବୁରୁ ହେଇ ଦେଖାଯାଇଥାଏ ।ନିଜସ୍ୱ ଢଙ୍ଗରେ କାମ କରିବା ବା’ ଚିନ୍ତା କରିବା ତ ଠିକ୍ ଅଛି ହେଲେ ଏମିତି କିଛି ଚରିତ୍ର ପ୍ରତ୍ୟେକଟି ମଣିଷ ମାନଙ୍କ ଜୀବନ ରେ ବ୍ୟଙ୍ଗ ବିଦ୍ରୁପ,ହାସ୍ୟରସ, ଆଉ କିଛି ଯନ୍ତ୍ରଣା ର ସନ୍ତ୍ରାସ ସାଜି ଧସେଇ ହୋଇ ପଶି ଆସନ୍ତି ତାଙ୍କୁ ପରଖିବା କାଠିକର ପାଠ ହୋଇଯାଏ ।

ସେଥିପାଇଁ ଆମକୁ ପର ମୁହୂର୍ତ୍ତରେ ଅନେକ ଅଡୁଆ ପରିସ୍ଥିତି ରେ ସାମ୍ନା କରିବାକୁ ପଡ଼ିଥାଏ ।

ଆଜିକାଲି ଫୋନ୍ ଏବଂ ସୋସିଆଲ ମିଡିଆରେ ଏମିତି ବିରଳ ଚରିତ୍ର ସବୁ ଦେଖିବାକୁ ମିଳୁଚି ତାହା ବର୍ଣ୍ଣନା କରିବା ଭାରି ମୁସ୍କିଲ ।

ସବୁ କ୍ଷେତ୍ରରେ କେହି ନା କେହି ଏସବୁ ଥିରେ ସମ୍ମୁଖୀନ ହୋଇଥାନ୍ତି । କେତେକ ମୁହଁ ଖୋଲି ପ୍ରକାଶ କରିଦିଅନ୍ତି ଆଉ କେହି ଚୁପଚାପ୍ ରହି ମନସ୍ତାପ କରିବା ବ୍ୟତୀତ ତାଙ୍କ ପାଖରେ ଅନ୍ୟକିଛି ଉପାୟ ନଥାଏ ।

ସତରେ କେଡ଼ ? ପରିତାପର ବିଷୟ ନୁହେଁ !

ବିଶେଷ କରି ଫେସବୁକ ଏବେ ସମଗ୍ର ଜୀବନ କୁ କବଳିତ କରି ରଖିଚି ଯେଉଁଥିରେ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଲୋକ ଚରିତ୍ର ର ବ୍ୟାକରଣ ଦେଖିବାକୁ ଏବଂ ପଢ଼ିବା କୁ ମିଳୁଚି ।ସେ ରାଜନୀତି, ସାହିତ୍ୟ, ସ୍ୱାସ୍ଥ୍ୟ, ପ୍ରେମ ହେଉ କି ଅନ୍ୟାନ୍ୟ ବିଷୟରେ ହେଉ । ବିଶେଷ କରି ସମାଲୋଚନା ର କେନ୍ଦ୍ରସ୍ଥଳ ପାଲଟିଛି ଫେସବୁକ ।ଏଇ ଫେସବୁକ ମାଧ୍ୟମରେ ଠକେଇ ମଧ୍ୟ ପ୍ରବଳ ରୁ ଅତି ପ୍ରବଳ ହେବାରେ ଲାଗିଚି ।

କିଏ କେଉଁ ଭଳି ଭାବରେ ଅନ୍ୟକୁ ଠକେଇବ ସିଏ ସେ ଯୋଜନା ରେ ବେଶ୍ ପାରଙ୍ଗମ ହୋଇ ତା’ କାମ କରିଚାଲିଚି ।

ମିଛ ର ଚାଦର ଏତେ ଲମ୍ବା ଚଉଡ଼ା ଯେ ସେ ଚାଦର ତଳେ ବହୁ ଲୋକ ଢାଙ୍କି ହୋଇ ଅଣନିଃଶ୍ୱାସୀ ହୋଇ ଗଲେଣି । ମିଛ ପ୍ରବଚନ ଦେଇ ନିଜକୁ ଅନ୍ୟ ଆଗରେ ଉପସ୍ଥାପିତ କରିବାକୁ କିଛି ପୁରୁଷ ଆଉ କିଛି ନାରୀ ବେଶ୍ ମାହିର୍ ।

କଥା ପ୍ରସଙ୍ଗରେ ଗୋବିନ୍ଦ ମହାନ୍ତି କହି ପକେଇଲେ, ହଇ ହୋ ସର୍ବ ?ଶ୍ୱର ଜାଣ,ସେ ରବୀନ୍ଦ୍ର ଟା ଏଡ଼ ? ଡହରା ଫେସବୁକ ରେ ବିଭିନ୍ନ ପ୍ରକାର ଧର୍ମ ଜ୍ଞାନ ବାଣ୍ଟୁଚି ଦେଖିବା ବେଳକୁ ଦୁନିଆ ଲୋକ ଙ୍କୁ ବିଭିନ୍ନ ପ୍ରକାର କାମ କରିଦେବ କହି ଠକି ଚାଲିଚି ।

ସେଇ ଲୋକଟା କେଡ଼ ? ଟାଉଟର୍ କି ହୋ । ସର୍ବେଶ୍ୱର ହସି ହସି କହିଲେ,ଆରେ ଭାଇ ଆଜିକାଲି ଏମିତି ଅନେକ ରବୀନ୍ଦ୍ର ବାହାରିବେ । ଯାହାଙ୍କର ଘର ସଂସ୍କାର ଠିକ୍ ନାହିଁ ସେମାନଙ୍କ ର ମାନ ଇଜ୍ଜତ ମହତ କ’ଣ ଅଛି । ସେମାନେ କିଛି ନା କିଛି କଦର୍ଯ୍ୟ କାମ ରେ ଲିପ୍ତ ରହିବା ସ୍ୱାଭାବିକ କଥା । ତା’ ନାଁ ରେ ବହୁତ ଲୋକ ବହୁତ କଥା କହିବାର ମୁଁ ବି ଶୁଣିଚି ।ହେଲେ କ’ଣ ହେବ ସେ ଗୁଡ଼ିକ ସାତ ପାଞ୍ଚି ରୁ ଯାଇଚନ୍ତି । କଥାରେ ଅଛି ପରା ବଂଶ ନାଶ ବେଳେ ଘୋଡ଼ା ମୁହାଁ ପୁଅ ଜନ୍ମ ହୋଇଥାନ୍ତି । ରବୀନ୍ଦ୍ର ଟା ସେଇ ଘୋଡ଼ା ମୁହାଁ ପୁଅ । ସେ ତା କୁଳ ବଂଶ ନାଶ କରିବ, ଛି ଛି କି ଅଲଜ୍ୟା କଥା ଏଗୁଡ଼ିକ ।ସେ ଅନ୍ୟର ଚିତା କାଟିବା କୁ ବେଶ୍ ପାରଙ୍ଗମ ।

ମୁଁ କ’ଣ କହୁଥିଲି କି ଏବେ ଦେଖିଲେତ ଲୋକ ଚରିତ୍ର ମାନଙ୍କୁ । ଚାକିରି ଦେବା, ଝିଅ ପୁଅ ବାହାଘର ରେ ମଧ୍ୟସ୍ଥି କରିବା, ଜମି ଜମା କିଣି ଦେବା ଏମିତି ଗୋଟିଏ ପରେ ଗୋଟିଏ ଯେତେ ଦେଖୁଥିବା ସେତେ ସେତେ ନାହିଁ ନଥିବା କଥା କାନରେ ପଡୁଥିବ ।

ସାଉଁଳେଇ କଥା କହି ଅନ୍ୟକୁ ହଇରାଣ ହରକତ କରିବା ଏଭଳି ଲୋକ ଚରିତ୍ର ମାନଙ୍କୁ ନଜର କୁ ଆଣିଥାଏ ।

ଯେଉଁଠି ଆଜି କାଲି ପିଲାମାନେ ବାପା ମା’ ଙ୍କର ନୁହନ୍ତି ସେଠି ଏଇ ସବୁ ଲୋକ ନିଜର ହେବେ ବା କେମିତି । ଆଜି କାଲି ଗାଁ ଚୁଠ ପଥର ପାଖରେ ମାଇପି ମାନେ ରୁଣ୍ଡ ହୋଇ ଆଉ ପର ଚର୍ଚ୍ଚା କରୁନାହାନ୍ତି, ଏବେ ଫେସବୁକ ରେ ଯେଉଁଭଳି ପୋଷ୍ଟ ସବୁ ଜଳଜଳ ହୋଇ ଦେଖାଯାଉଚି ସେଥିରେ ତ କାହିଁରେ କେତେ ।

ସମୟ ଥାଉଁ ଥାଉଁ ଚରିତ୍ର ମାନଙ୍କୁ ଚିହ୍ନି ନ ପାରିଲେ ପର ମୁହୂର୍ତ୍ତରେ ବିଛୁଆତି ବଣରେ ପଛ ଘଷି ହେବା ଥୟ । ତେଣୁ ହାତେ ମାପି ଚାଖଣ୍ଡେ ନୁହେଁ ବରଂ ମୋ ମତରେ ଅଧଚାଖଣ୍ଡେ ଚାଲିଲେ ଭଲ । ରବୀନ୍ଦ୍ର ଭଳି ଯେତେକ ଅଳିଆ ଆମ ସମାଜରେ ମୁଣ୍ଡ ଟେକିଚନ୍ତି ସେ ଅଳିଆ ସବୁକୁ ରୁଣ୍ଡ କରି ପୋତି ଦିଆଗଲେ ସମାଜ ଓ ପରିବେଶ ଆପଣାଛାଏଁ ସୁନ୍ଦର ହୋଇଯିବ । କଥାରେ ଅଛି ପରା’, ‘ମୂଳୁ ମାରିଲେ ଯିବ ସରି,ଦେବଙ୍କ ସଙ୍ଗେ କିମ୍ପା କଳି ।‘

ମାହାଙ୍ଗା, କଟକ
୮୯୧୭୫୬୧୨୦୨

ଉପଲବ୍ଧି

ଡାଃ ରଶ୍ମି ରଂଜନ ସ୍ୱାଇଁ

ସ୍କୁଲ ବାରଣ୍ଡାରେ ଛିଡ଼ା ହୋଇ ମୁଁ ଚାହିଁ ରହିଥାଏ ,ଦୂର ତାଳବଣ ମଧ୍ୟ ଦେଇ ଆସିଥିବା ସେଇ ଅଙ୍କାବଙ୍କା ରାସ୍ତାକୁ । କେତେ ଆତ୍ମହରା,କେତେ ଆବେଗ !! ହୁଏତ ତୁମେ ବୁଝି ପାରିବନି, କିନ୍ତୁ ମୋ ଆଖିକୁ ଯଦି ତମେ ସେ ସମୟରେ ଦେଖିଥାନ୍ତ,ହୁଏତ ବୁଝି ପାରିଥାନ୍ତ ।ପୂଜା ଛୁଟିରେ ତମକୁ ଦେଖି ନ ପାରି ,ମୋ ମନ କେତେ ବ୍ୟାକୁଳିତ ।

ଧାନବିଲ ମାନଙ୍କରେ ନୀଳ ବର୍ଣ୍ଣାଳୀର ଢେଉ ,ଦୂରପାଟରେ ଶୁଭ୍ର କାଶତଣ୍ଡୀର ସମ୍ଭାର । ଶରତକାଳୀନ ସେହି ମୁକ୍ତବାତାୟନ ଓ ଶୀତଳ ସମୀରଣ ଉଭୟ ମୋ ମନକୁ ତରଙ୍ଗାୟିତ କରୁଥା’ନ୍ତି । ତୁମେ ସାଙ୍ଗମାନଙ୍କ ସହ ପାଖ ଗାଁ ରୁ, ସାଇକଲ ରେ ଆସୁଥିଲ ସତ କିନ୍ତୁ ମୋର ସେଇ କିଶୋର ମନ ପାଇଁ ତମେ କୌଣସି ରାଜକୁମାରୀ ଠୁଁ କମ ନ ଥିଲ । ଅପଲକ ନୟନରେ ମୁଁ ଚାହିଁ ରହିଥାଏ,ତୁମ ଆସିବା ରାସ୍ତାକୁ । ତା’ ଭିତରେ ତମେ ଆସି ପହଂଚି ଯାଇଥାଅ, ଆଉ ସାଇକଲ କୁ ଷ୍ଟାଣ୍ଡ ରେ ରଖି ରଖୁ,ସେଦିନ ମୋ ଆଡ଼କୁ ଅନେଇ ଟିକେ ହସି ଦେଲ । ତୁମ ଓଠର ସେହି ଲାଜସ୍ପର୍ଶୀ ହସ ଆଜିବି ମୋ ମନରେ ସତେଜ ହୋଇ ରହିଛି । ମୁଁ ଜାଣିନି ତାହା ଥିଲା ପ୍ରେମ ନା ଆକର୍ଷଣ,କିନ୍ତୁ କାହିଁକି ! କାହିଁକି ଏତେ ସମ୍ମ ?ହନ ? ବେଳେବେଳେ କାରଣ ଖୋଜି ବସେ । ବେଳେ ବେଳେ ମୋତେ ଲାଗେ ତୁମେ ମୋ ପାଖକୁ କେବେ ଆସି ପଚାରିବ , ଯେ ସବୁଦିନ କ’ଣ ପାଇଁ ତୁମେ ମୋ ଆସିବା ବାଟକୁ ଚାହିଁ ରହିଥାଏ । କିନ୍ତୁ ସେମିତି କେବେ ହୋଇନି । ସ୍ୱପ୍ନ ମୋ ରହିଯାଏ ସ୍ୱପ୍ନରେ । ତଥାପି ମୁଁ ସାଇତି ରଖିଛି ତୁମ ସ୍ମୃତି ସବୁ,ହୃଦୟର ନିବୁଜ କୋଠରୀ ମଧ୍ୟ ରେ ।ନିର୍ଜନ ରାତିର ଶୂନ୍ୟତା ଭିତରେ ତୁମ ସ୍ମୃତି ନାଚି ଉଠେ ମୋ ମନ ମୟୂରୀ ରେ । ଜହ୍ନ ଜ୍ୟୋତ୍ସ୍ନା ର ଶୀତଳତା ମଧ୍ୟରେ ତୁନା ତୁନା ଫୁଲ ପରି ଝରିଯାଏ ଶବ୍ଦ ହୋଇ ମୋ ମନ ବଗିଚାରେ । ଶବ୍ଦ ଆଙ୍ଗୁଆଳରେ ସ୍ମୃତି ର ମଞ୍ଜି ବୁଣି ଶବ୍ଦ ବନାନୀ ର ଉଦ୍ୟାନ ତିଆରି କରିଛି ,ଥରେ ଦେଖି ଆସ ନା !ବହୁତ ବର୍ଷ ବିତିଗଲାଣି । ପ୍ରତିବର୍ଷ ଶରତ ଋତୁରେ ଏଠି ମନକୁ ମନ ଫୁଟିଉଥେ ପ୍ରେମର କାଶତଣ୍ଡୀ ।ବହୁ ଯତ୍ନରେ ପୋତିଛି ଏଠି ସ୍ମୃତି ର ଛୋଟ ଛୋଟ ଗଛ ସବୁ । ଥରେ ଆସ ନା ଶିଶିର ଭିଜା ସନ୍ଧ୍ୟାରେ , ମୋର ଏହି ଛୋଟ ବଗିଚା ଆଡ଼େ,ଉପଲବ୍ଧି କରିବାକୁ ମୋର ସେହି ଅତୀତର ସ୍ମୃତିକୁ ।

ବାଲେଶ୍ୱର

ଅଢେଇ ଦିନର ଜୀବନ

ରତ୍ନକାନ୍ତି ମିଶ୍ର

ପ୍ରେମ ପ୍ରଣୟର ମିଠା ମାଦକରେ
ଖୁସି ସଉରଭ ଖେଳଇ ନୀତେ
ସ୍ନେହ ଅନୁରାଗେ ସମ୍ପର୍କ ମଧୁର
ବିଦ୍‌ଦ୍ୱେଷ ବିରାଗେ ଶାନ୍ତି ଉଜୁଡେ ॥
ଅମିତ କାମନା ପ୍ରଲମ୍ବିତ ଆଶା
ଆଣଇ ଜୀବନେ ଅଶାନ୍ତ ଝଡ
ସମୟ ଚକ୍ରର ଭଉଁରୀ ଭିତରେ
ଛାରଖାର ହୁଏ ଖୁସିର ନୀଡ଼ ॥
ଅତୀତ ଦିନର ଅଲିଭା କାହାଣୀ
ଜୀବନ ନାଟକେ ମିଛ ସଂଳାପ
ଅନ୍ତର ଯା’ ଲେଖେ ଅନ୍ତିମ ଅଂକରେ
ନିଃଶବ୍ଦ ? ବି ଲାଗେ ଶବ୍ଦ ପ୍ରତୀତା।
ଅସହାୟତାର ଆତ୍ମଦହନରେ
ବିଷାଦରେ ଭରା ଅସହ୍ୟ ଜ୍ୱାଳା
ତୁଟିଯାଏ ସବୁ ଆଶା ଆକାଂକ୍ଷାର
ସପନ ବିଳାସୀ ସଉଧ ମାଳା ॥
ସ୍ୱାର୍ଥପରତାର ମତ୍ତ ଅହଂକାରେ
ଜୀବନ ହୁଅଇ ଅଚିରେ ନଷ୍ଟ
ପୂଣ୍ୟ କର୍ମ ପାଏ ପବିତ୍ର ଆସନ
ପାପୀ ଭୋଗୁଥାଏ ଯନ୍ତ୍ରଣା କଷ୍ଟ ॥
ଅଢେଇ ଦିନର ଏଇତ ଜୀବନ
କେତେ ଲୋଭ ମୋହ ପାପ ଆସକ୍ତି
କର୍ମ ଏକା ପରା ଲେଖେ ଇତିହାସ
ମରି ବି ଅମର ହୁଅଇ ବ୍ୟକ୍ତି ॥

ଆଳି, କେନ୍ଦ୍ରାପଡା

ଶୀର୍ଷକ –‘ମାତୃଭାଷା’

ଶଶିକାନ୍ତ ମହାନ୍ତ

ଡାକେ ଅନ୍ତଃସ୍ୱର
ଉଠିପଡ ଆଜି
ମାତୃଭାଷା ପରା
ଗୁମରି କାନ୍ଦୁଛି ।

ମା କୁ ଡାକିଲୁ
ଯେଉଁ ଭାଷାରେ
ପାସୋରିଲୁ ତାକୁ
କେଉଁ ଦୋଷରେ ?

ମାଆ ଯଦି ତୋତେ
ଉଦରୁ କାଟିଛି
ମାତୃଭାଷା ପରା
ବଞ୍ଚି ଶିଖାଇଛି ।

ଗାରିମା ଗାଉତୁ
ପାଶ୍ଚାତ୍ୟ ଭାଷାର
ନିଜ ଭାଷା ଯେବେ
ଦାଣ୍ଡେ ଘୁସୁରୁଛି ।

କାହିଁ ମୋହେ ତୋତେ
ଦୂର ଦେଶ ଭାଷା
ତୋ ଭାଷା ଦେହେ ତ
ସମ୍ପଦ ଭରିଛି ।

ଭୁଲିଗଲୁ କି ସେ
ପିଲାଦିନ କଥା
ନିତି ଗାଉଥିଲୁ
ମାତୃଭାଷା ଗାଥା ।

ପୁସ୍ତକେ ରହିଲା
ସେ ପୁସ୍ତକ ଜ୍ଞାନ
ଭାଷା ହରାଇଲା
ନିଜ ସ୍ୱାଭିମାନ ।

ପଡୋଶୀ ରାଜ୍ୟର
ଭ

ମୋ ଓଡ଼ିଶା

ତୁମେ ପରମ ଆତ୍ମୀୟ

ଅପ୍ରେଲ 'ଆଠ' - ଆପଣଙ୍କର ଏ ଧରାପୃଷ୍ଠରେ ଅବତରଣର ମୋହଭଗ୍ନ ଲଗ୍ନ। ଶୋଭନୀୟ ପଥରେ ବିଶ୍ୱକୁ ଅନୁଗାମୀ କରାଇବା ପାଇଁ ଚମତ୍କାର ଚେତନାର ମହୋତ୍ସବ ଓ ପବିତ୍ର ମୁହୂର୍ତ୍ତ। ଭୀଷଣ ଭୟଙ୍କର ଏ ରାତ୍ରି। ଅପର ପକ୍ଷରେ ଅତି ବିରଳ ଏ ତିଥି। ସବୁବେଳେ ଆସେନା। ଏ ଦିବ୍ୟାନୁଭୂତିର ମହାର୍ଘ ମୁହୂର୍ତ୍ତ ଅଣ୍ଡାଳି ହେଲେ ବି ପଛରେ ମିଳେନା। ଏହି ସମୟରେ ମନରେ ଶୁଦ୍ଧ ସୁଭାବର ରଙ୍ଗ ଲାଗେ। ରଙ୍ଗୀନ କାଗଜରେ ଦିଗ୍‌ବିଦିଗରେ ତୁମ ସଦ୍‌ଭାବନାର ମହକ ସମାଜ ବନକୁ ବାସ୍ନାୟିତ କରେ। ପବନରେ ଚତୁର୍ଦ୍ଦିଗରେ ଖେଳିବୁଲେ। ସୂର୍ଯ୍ୟ ଲାଗେ ନୂଆ ନୂଆ। କିଛି ନୂଆ ସମ୍ଭାବନାର ଆଶାରେ ସବୁ ମଣିଷଙ୍କ ମୁହଁ ବି ଲାଗେ ନୂଆ ନୂଆ। ସବୁ ପାଦପର କିଶଳୟ, ମର୍ମରିତ ପତ୍ର, ନଦୀର ଜଳଧାରା, ସାଗରର ଉର୍ମି, ନୀଳ ଆକାଶର ପହଁରା ବାଦଲ, ଦେବାଳୟର ଘଣ୍ଟ, ସନ୍ଧ୍ୟାର ଦୀପାଞ୍ଜଳି ଆଉ ହୃଦୟବେଦୀର ଦୀପାଲୋକ - ସବୁ କେମିତି ତୁମ ଆଗମନୀର କସ୍ତୁରୀ ବାସ୍ନାରେ ବିହ୍ୱଳ ମଧୁରତା ଭରା ନୂତନ ଅନୁଭୂତିରେ ପବିତ୍ରରୁ ପବିତ୍ରତମ ହୋଇଉଠେ। ନବ ସଂକଳ୍ପର ମାଧୁର୍ଯ୍ୟଲୋକରେ ହାଲୋରମୟ ହୁଏ। ଏହି ଦିବ୍ୟ ମୁହୂର୍ତ୍ତ ସତରେ ବହୁ ଅପେକ୍ଷିତ, ବହୁ ପ୍ରତୀକ୍ଷିତ, ବହୁ ଆକାଂକ୍ଷିତ। ଜଣେ ନୁହେଁ ସମଗ୍ର ପୃଥିବୀବାସୀଙ୍କ ପାଇଁ ଏ ମହା ମହାର୍ଘ ଶୁଭମୟ ଲଗ୍ନ। କାହିଁ ଦୀପ, ଧୂପ, ଦୂବ, ଅକ୍ଷତ, ଭକ୍ତି, ନୈବେଦ୍ୟର ପ୍ରସ୍ତୁତି? ସୁନ୍ଦର ଏ ପୃଥିବୀ ଯେ ଆଜି ଅଶୋଭନୀୟତାର ଗହନ ଅନ୍ଧାରି ଗହ୍ୱରରେ ନିକ୍ଷେପିତ ହେବାକୁ ଗତିରେ ଖୁବ୍ ଦ୍ରୁତ। ଏବେ ଶୋଭନୀୟତା - ମାନବିକତାର ଏକାନ୍ତ ଜରୁରୀ - ଏହା ବୁଝି, ସେହି ଶୋଭନୀୟ ପ୍ରଭୁଙ୍କ ଆରାଧନା ପାଇଁ ଆମେ ନିଜକୁ କିଭଳି ପ୍ରସ୍ତୁତ କରିଛନ୍ତି? ଆମେ ଏ ସନ୍ତ୍ରାସବାଦ, ଆତଙ୍କବାଦ, ସଂଘର୍ଷବାଦ, ଯୁଦ୍ଧ ହାହାକାର, ପାଶବିକତା, ନଗ୍ନତା, ଅଶ୍ଳୀଳତା, ବିଶ୍ୱାସଘାତକତା, ବିଦ୍ୱେଷ ଓ ବୀଭତ୍ସତାକୁ ଆଉ ପାରୁନୁ। ସେହି ପ୍ରଭୁ ଆମ ଭିତରକୁ ଅବତରି ଆସିଲେ, ସବୁ ଠିକ୍ ହୋଇଯିବ। ଧ୍ୱଂସ ପାଇଯିବା ନା ତାଙ୍କୁ ଆବାହନ କରି ସୁରକ୍ଷିତ ହୋଇଯିବା? ଯଦି ସୁରକ୍ଷା ଚାହାନ୍ତି, ତାଙ୍କ ଆଗମନୀ ପାଇଁ, ତାଙ୍କର ତୁଷ୍ଟି, ସନ୍ତୋଷ ବିଧାନ ପାଇଁ କି ଯଜ୍ଞର ଆୟୋଜନ ଆମ୍ଭ ଭିତରେ? ଶିଶୁଭଳି ବିକଳ ହୋଇ ହୃଦୟକୁ ଉନ୍ମୁକ୍ତ କରିଲେ ଆମେ ପାଦତଳେ ବିକଳ ହୋଇପାରୁଛନ୍ତି କି? ଖେଳନା ଫିଙ୍ଗିଦେଇ, ସବୁ ତୁଚ୍ଛକରି ପିଲା ମା' ମା'ବୋଲି କାନ୍ଦିଉଠିଲା ପରି ଆମେ ତାଙ୍କୁ ଐକାନ୍ତିକ ଭାବେ ପୃଥିବୀବାସୀ ଖୋଜୁଛୁ କି? ସେ ଆକାଶରେ ଭସା ଭସା ବାଦଲରେ ବିଚରଣ କରିପାରନ୍ତି, ଅସୀମ ଅନ୍ତରୀକ୍ଷରେ ପରିକ୍ରମା କରୁଥାନ୍ତି ପୁଣି ବିଶାଳ ସମୁଦ୍ରର ତରଙ୍ଗାୟିତ ଉର୍ମିମାଳାରେ ଭାସୁଥାନ୍ତି। ତେବେ ଭକ୍ତି ଜଳକଣାରେ ପୂର୍ଣ୍ଣ ଆମ ହୃଦୟସିନ୍ଧୁକୁ କାହିଁକି ସେ ନ ଆସିବେ? ସେ ପରା ଭାବ ବିନୋଦିଆ। ଭକ୍ତି, ପ୍ରୀତିର ଅତିଥି - ଯାହାଙ୍କର ତିଥି ନାହିଁ, ସର୍ବବ୍ୟାପକ। ତାଙ୍କୁ କ'ଣ ଆମେ ବୁଝିଛନ୍ତି? ବୁଝିଛନ୍ତି ସେ ଯେତିକି ଆମକୁ ଗଭୀର ଆତ୍ମୀୟତାରେ ଭଲ ପାଆନ୍ତି - ଝର ଝର ଲୁହ ଝରାଇ - 'ବିଶ୍ୱବାସୀ ହସ ମୋ ହସ, ତାଙ୍କ ଲୁହ ମୋ ଲୁହ' - ଗାଉଥାଆନ୍ତି। ଆମେ ସେତିକି ତାଙ୍କୁ ଭଲପାଉ କି? ନିଜକୁ ତ୍ରୁଟିଶୂନ୍ୟ କରି ତାଙ୍କୁ ସ୍ୱାଗତିବାକୁ ସେପରି ଆକୁଳ ହେଉ କି? ଆଖି ବୁଜି ସେହି ଦିବ୍ୟ ମୂର୍ତ୍ତିକୁ ଥରେ ମନଃ ଚକ୍ଷୁରେ ମୁଁ, ଆପଣ, ଆମେ ସମସ୍ତେ ଦେଖିବା ଯାହାଙ୍କ ଲେଖନୀରୁ ନୁହେଁ ହୃଦୟରୁ ଗଭୀର ଧ୍ୟାନସ୍ଥ ମୁଦ୍ରିତ ନୟନ, ସ୍ଫୁରିତ ଓଷ୍ଠଧାରରୁ ଝରୁଥିଲା - 'ଜଗତର ସବୁ ଲୁହ ଦେଇ ମୋତେ, ଜଗତକୁ ସୁଖୀ କରାଅ'ର କରୁଣାଭରା ଅମୃତ ବର୍ଷା। ସେହି ଶୋଭନୀୟ ପ୍ରଭୁଙ୍କୁ ଯେ ଜାଣିଛି, ସେ ଅଜଣା ପାଖରେ ତାଙ୍କ କଥାକୁ ପହଞ୍ଚାଇ ଦେଉ। କାନରୁ କାନକୁ, ରାଜ୍ୟରୁ ରାଜ୍ୟକୁ, ଦେଶରୁ ଦେଖି, ମହାଦେଶରୁ ତାହା ସଞ୍ଚରିଯାଉ। ପ୍ରାର୍ଥନାର ଶକ୍ତି ଅମାପ। ଆମେ ସମସ୍ତେ ପୃଥିବୀବାସୀ, ବିକଳ ହୋଇ ତାଙ୍କୁ ଡାକିଲେ,ଳ ପ୍ରାର୍ଥନା କଲେ, ଝୁରି ହେଲେ, ସେ ଭକ୍ତ ବଲ୍ଲଭ ବୈକୁଣ୍ଠପୁରୀ ଛାଡ଼ି ନିଶ୍ଚେ ଓହ୍ଲାଇ ଆସିବେ ଧୂଳ ଧୂସରିତ ପୃଥିବୀକୁ - ଆମ ପାଖକୁ। ସେ ପରା ଗରିବ ସୁଦାମାର ସାଥୀ, ଶବରୀ ଅଇଁଠାଖିଆ, ପ୍ରତି ପ୍ରେମିକ ଆତ୍ମାର ପରମାତ୍ମୀୟ! ଆମେ ତାଙ୍କୁ ଡାକୁନୁ। ଡାକିଲେ ସେ କ'ଣ ରହି ପାରିବେ ? ଆମେ ଭୌତିକ ସୁଖରେ, ନିଜ ଇଚ୍ଛାରେ ପୂର୍ତ୍ତିରେ ଭ୍ରମିତ। ତାଙ୍କୁ ଆମେ ଭୁଲିଯାଉଛୁ। ନିଜ ସ୍ରଷ୍ଟାଙ୍କ ନିୟମର ବିରୁଦ୍ଧାଚରଣ କରି ତାଙ୍କୁ ଅପମାନିତ କରୁଛୁ। ଶ୍ରେଷ୍ଠ ଜୀବ ମନୁଷ୍ୟରୂପେ ଆମକୁ ଗଢ଼ି କେତେ ସୁନ୍ଦର ଆଶା ଓ ସେ ଆମଠାରେ ନ ରଖିଥିଲେ? କ'ଣ ବା ଆମ ପାଇଁ ସୁଖ, ସୁବିଧା, ସ୍ୱାଚ୍ଛନ୍ଦ୍ୟ ନ ଖଞ୍ଜିଛନ୍ତି ସେ? ପୁଣି ଯେତେ ଭୁଲ କରିଥାଅ ପଛେ ଟିକିଏ ଅସୁବିଧା ପଡ଼ିଲେ ତାଙ୍କୁ ସ୍ମରଣ କଲାମାତ୍ରେ, ସେ ବିପତ୍ତିରୁ ଉଦ୍ଧାର କରିବାକୁ ତାଙ୍କ ଚକ୍ରରେ ଟିକେ ଉହାଡ଼ କରିଦିଅନ୍ତି। ଆଃ! ତାଙ୍କପରି ପରମ ବନ୍ଧୁ, ପରମସଖା, ଜନ୍ମ ଜନ୍ମାନ୍ତରର ପିତାମାତା, ଆତ୍ମୀୟ, ହିତୈଷୀ, ଦ୍ୱିତୀୟ ବା କିଏ ଅଛି? ତାଙ୍କରି ଚରଣ ତଳର ଆଶ୍ରୟ ଏକମାତ୍ର ଶ୍ରେୟ, ତାଙ୍କ ସମ୍ବିଧାନକୁ ମାନିବା ଏକମାତ୍ର ପଥ ତଥା ଶୋଭନୀୟ ପୃଥିବୀ ପାଇଁ ସେ କେବଳ ହିଁ ଗତି ଆଉ ମୁକ୍ତିର ମନ୍ତ୍ର। ହଁ, ଅସଲ କଥାଟି ରହିଯାଇଛି କହିବାକୁ ସେହି ପରମ ଆତ୍ମୀୟଙ୍କୁ। ଏଥର ଅପ୍ରେଲ ଆଠରେ କ'ଣ କରାଯିବ, କ'ଣ କୁହାଯିବ, ଶୋଭନୀୟ ଆନ୍ଦୋଳନ ପକ୍ଷରୁ? ଆପଣ ବତାଇ ଦିଅନ୍ତୁ, ପାଖେ ପାଖେ ରହି କହିଦିଅନ୍ତୁ କ'ଣ କଲେ ଏ ବିଶ୍ୱ ଖୁବ୍ ଶୀଘ୍ର ଆପଣଙ୍କୁ ପାଇବ ତଥା ସ୍ନେହ, ଶାନ୍ତିଭରା ଶୋଭନୀୟ ସମାଜଟିର ସୁଖୀ ଅଧିବାସୀଟିଏ ହେବ। ତୁମେ କହିଦିଅ। ନିଶ୍ଚେ କହିଦେବ! ଏହି ଅଳି ସହ ରହୁଛୁ - 'ତ୍ୱୟା ହୃଷୀକେଶ ହୃଦି ସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି।'

ଖୋର୍ଦ୍ଧା ଜିଲ୍ଲାକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନ ଉଦ୍‌ଘାଟିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲାକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନକୁ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମରେ ଏକ ବୃକ୍ଷରୋପଣ କରିବା ସହିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଏହି ସମ୍ପର୍କିତ ଲୋଗୋକୁ ଉନ୍ମୋଚନ କରି ଉଦ୍‌ଘାଟନ କରିଛନ୍ତି। ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଶ୍ରୀ ଜ୍ୟୋତିନ୍ଦ୍ରନାଥ ମିତ୍ର ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନାମରେ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପରିବେଶବିତ୍ ଡଃ ଭଗବାନ ପ୍ରକାଶ ଜୟୀରାଜ ଗୁରୁଙ୍କ ନାମରେ, ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଲେଖ ଚନ୍ଦ୍ର ପହି ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ନାମରେ, ବିଶିଷ୍ଟ ଶିକ୍ଷାବିତ୍ ତଥା ମହାବୀର ଗ୍ରୁପ୍ ଅଫ ଶିକ୍ଷାନୁଷ୍ଠାନର ଅଧକ୍ଷ ଡଃ ଗନ୍ଧର୍ବ ଚନ୍ଦ୍ର ନାୟକ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ନାମରେ, ପ୍ରେରଣାର ଅଧକ୍ଷ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ କୃତିବାସ ପାଟଶାଣୀଙ୍କ ନାମରେ, ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର ପୃଷ୍ଟି ଓ ସିଗ୍‌ମା ପବ୍ଲିକ ସ୍କୁଲ୍ ଗ୍ରୀନ୍ ଆର୍ମି ଶାଖାର ଛାତଛାତ୍ରୀମାନେ ମହାପୁରୁଷମାନଙ୍କ ନାମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୃକ୍ଷରୋପଣ କରିଥିଲେ। ଏହା ପରେ ଏକ ଶୋଭାଯାତ୍ରା ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ତଥା ବୃକ୍ଷରୋପଣ କରିବା ସମ୍ପର୍କରେ ନାରା ଦେଇ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନର ଲୋଗୋକୁ ଉନ୍ମୋଚନ କରି ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର କହିଲେ, ଖୋର୍ଦ୍ଧା ଜିଲ୍ଲାରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମ୍ପୃକ୍ତ ଥିବାରୁ ଏହାର ଜନସଂଖ୍ୟା, କଳକାରଖାନା, ମଟରଗାଡ଼ି ଆଦି ଦିନକୁ ଦିନ ବଢିବାରେ ଲାଗିଛି। ତେଣୁ ସେହି ଅନୁପାତରେ ବ୍ୟାପକ ବୃକ୍ଷରୋପଣ କରାନଗଲେ ଜିଲ୍ଲାର ସବୁଜିମା ତଥା ପରିବେଶ ସୁରକ୍ଷା ହୋଇପାରିବ ନାହିଁ। ଏଥିପାଇଁ ସେ ନିଜ ଛାତ୍ର ଜୀବନରୁ ନିଜ ଗାଁରେ ସବୁଜ କ୍ଲବ ଗଠନ କରି କିପରି ବୃକ୍ଷରୋପଣ ମହାପୁରୁଷ ମାନଙ୍କ ନାମରେ କରୁଥିଲେ ତାହାର ଉଦାହରଣ ଦେବା ସହିତ ଜିଲ୍ଲାର ସମସ୍ତ ସ୍କୁଲ୍, କଲେଜ, ମହିଳା ସମିତି, କ୍ଲବ, ସାମାଜିକ ଅନୁଷ୍ଠାନ ତଥା ସାଧାରଣ ଜନତା ଏହି ମହାନ୍ ଅଭିଯାନରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରେରଣାର ଅଧକ୍ଷ ଡଃ ଶ୍ରୀଚନ୍ଦନ ବକ୍ତବ୍ୟ ପ୍ରଦାନ କରି କହିଲେ, ଖୋର୍ଦ୍ଧା ଜିଲ୍ଲାର ସମସ୍ତବର୍ଗର ଜନସାଧାରଣ ତଥା ବିଭିନ୍ନ ସାମାଜିକ ତଥା ସାଂସ୍କୃତି ଅନୁଷ୍ଠାନର ଏହି ଅଭିଯାନକୁ ସଫଳ କରିବା ପାଇଁ ସହଯୋଗ କରିବା ନିମନ୍ତେ ସେ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ଭଗବାନ ପ୍ରକାଶ, ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାହି, ଖୋର୍ଦ୍ଧା ବିଧାୟକ ଶ୍ରୀ ମିତ୍ର, ଶିକ୍ଷାବିତ୍ ଡଃ ଗନ୍ଧର୍ବ ନାୟକ, ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ଶ୍ରୀ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଡଃ ଗନ୍ଧର୍ବ ନାୟକଙ୍କୁ ସବୁଜ ସଂଗ୍ରାମୀ ସମ୍ମାନ, ଡଃ ଶ୍ରୀନିବାସ ଘଟୁଆରୀଙ୍କୁ ଗ୍ରୀନ୍ ଆର୍ମି କମାଣ୍ଡାଣ୍ଟ୍ , ସିଗ୍‌ମା ପବ୍ଲିକ ସ୍କୁଲ୍‌କୁ ଶ୍ରେଷ୍ଠ ଗ୍ରୀନ୍ ଆର୍ମି ସ୍କୁଲ୍, ଆସ୍‌ମା ସାମାଜିକ ଅନୁଷ୍ଠାନକୁ ସବୁଜ କ୍ଲବ ସମ୍ମାନ, ଇଦ୍‌ରିସ୍ ଖାନ ଓ ଦେବାଶିଷ ମହାନ୍ତିଙ୍କୁ ଗ୍ରୀନ ଆର୍ମି କମାଣ୍ଡାଣ୍ଟ୍ ସମ୍ମାନ, ଖୋର୍ଦ୍ଧା ବିକାଶ ମଞ୍ଚର ନାରୀ ସମାଜସେବିକା ମାନଙ୍କୁ ଗ୍ରୀନ୍ କ୍ୟାପଟେନ ସମ୍ମାନ ତଥା ମହାବୀର ଗ୍ରୁପ୍ ଶିକ୍ଷାନୁଷ୍ଠାନର ଅଧକ୍ଷ ପ୍ରଫେସର ଅଜୟ ସ୍ୱାଇଁଙ୍କୁ ବୃକ୍ଷପ୍ରେମୀ ଭାବେ ସମ୍ମାନିତ କରାଯାଇଥିଲା।

ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଅନୁଚିନ୍ତା



ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ। ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ। ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା। ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ। ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ। ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ। ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ। ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ-ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଳ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ-ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ। ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧ୍ୟାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକା

ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

କେନ୍ଦ୍ରାପଡ଼ାର କୋଟି କୋଟି ଟଙ୍କା ଲୁଟିନେଲେ ବାପ ଓ ପୁଅ ସମେତ ମୁନ୍ନା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ାର କୋଟି କୋଟି ଟଙ୍କା ଲୁଟିନେଲେ ବାପ ଓ ପୁଅ ସମେତ ମୁନ୍ନା । ବିଗତ ୫ ବର୍ଷ ମଧ୍ୟରେ ୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଲେଣି । ବାପ ଓ ପୁଅ ଜନତାଙ୍କ ସେବା ବଦଳରେ ଲୁଟିବାରେ ଲାଗିଛନ୍ତି । ସେମାନେ କେନ୍ଦ୍ରାପଡ଼ା ଲୋକଙ୍କୁ ଲୁଟିବା ନିମନ୍ତେ ଯୋଜନା ପ୍ରସ୍ତୁତ କରି ଲୁଟ କରିବାରେ ବ୍ୟସ୍ତ ରହିଛନ୍ତି । ଏମାନେ ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟରେ ପିସି ନେଇ କେନ୍ଦ୍ରାପଡାକୁ ଲୁଟିବାରେ ବ୍ୟସ୍ତ ଅଛନ୍ତି । ଲୋକଙ୍କୁ ସେବା ଯୋଗାଇବା ବିଷୟରେ ଚିନ୍ତା ନକରି ବରଂ ବିଭିନ୍ନ କ୍ଷେତ୍ରରୁ ଅର୍ଥ ଆଦାୟ କିଭଳି ହେବ ସେଥି ପାଇଁ ଚିନ୍ତା କରୁଛନ୍ତି । ପ୍ରତିଦିନ ସକାଳ ହେଲେ କେଉଁ କେଉଁ ଅଧିକାରୀଙ୍କୁ ପୁଅ ଫୋନ୍ କରି ଧମକାଇବ ଆଉ କାଳିଆ ମୁନ୍ନା ଧମକାଇବ ପିସି ନେଇ ପହଁଚାଇବାକୁ ପ୍ରତ୍ୟେହ ରାତିରେ ତା'ର ତାଲିକା ତିଆରି ଚାଲିଛି । ବାପା ନେତା ହୋଇଥିବା ବେଳେ ପୁଅକୁ ଠିକା ଦେଇଛି ଅଫିସରଙ୍କ ଠାରୁ ଜୋର ଜବରଦସ୍ତ ଭାବରେ କିପରି ପିସି କିପରି ଆଦାୟ କରାଯିବ । ଅଫିସରମାନେ ପୁଅର ଜୁଲମରେ ତ୍ରାହୀ ତ୍ରାହୀ ଡାକିଲେଣି । ଏ ସମ୍ପର୍କରେ ତୃତୀୟ ମହଲାରେ ମଧ୍ୟ ଖବର ପହଞ୍ଚିଯାଇଛି । ପୂର୍ବରୁ ରାଜ୍ୟ ସଭା ସାଂସଦ ତଥା ବିଜେଡିର ତତ୍‌କାଳୀନ କେନ୍ଦ୍ରାପଡ଼ା ଜିଲା ଅବଜରଭର ଦେବାଶିଷ ସାମନ୍ତରାୟ କେନ୍ଦ୍ରପଡ଼ା ଟାଉନ୍ ହଲରେ ଅନୁଷ୍ଠିତ ଏକ ଦଳୀୟ ବୈଠକରେ ପହଞ୍ଚିବା ପରେ ସେଠାରେ ଦଳର ଗୋଟିଏ ଗୋଷ୍ଠୀ ସିଧାସଳଖ ଏହି ବାପ ଓ ପୁଅର କାର୍ଯ୍ୟକଳାପକୁ ବିରୋଧ କରି ଦଳ ଭବିଷ୍ୟତରେ କଠିନ ସମସ୍ୟାର ସମ୍ମୁଖୀନ ହେବ ବୋଲି କହିଦେଇଥିଲେ । ନିର୍ବାଚନ ମଣ୍ଡଳୀର ସମସ୍ତ କାମରେ ପୁଅର ଦାଦାଗିରି ଓ ପିସି ଆଦାୟକୁ ଘୋର ବିରୋଧ କରି ବୈଠକରେ ହୋହାଲ୍ଲା କରିଥିଲେ । ଅଧିକାରୀମାନଙ୍କ ଠାରୁ ବାପ ପୁଅ ଜୁଲମ କରି ଲୁଟ୍ କରୁଥିବା ସମ୍ପର୍କରେ ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ନେତା ଏବଂ କର୍ମୀମାନେ ଦଳୀୟ ପର୍ଯ୍ୟବେକ୍ଷକ ଶ୍ରୀ ସାମନ୍ତରାୟଙ୍କୁ ଅଭିଯୋଗ କରିଥିଲେ । ଏସମ୍ପର୍କରେ ଖବର ତୃତୀୟ ମହଲାରେ ପହଞ୍ଚିବା ପରେ ସେଠାରୁ କଟକଣା ଜାରି ହେଲା । ସେଥି ଯୋଗୁଁ ପୁଅ କିଛି ଦିନ ପାଇଁ କେନ୍ଦ୍ରାପଡ଼ାର ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ କରିବା ବନ୍ଦ କରିଦେଇଥିଲା । ବାପ ପୁଅକୁ କହିଥିଲା କିଛି ଦିନ ଚୁପ ରହିଯିବାକୁ । କିନ୍ତୁ ଅଭ୍ୟାସ ନୈବ ମୁଚ୍ୟତେ ରାୟରେ ପୁଅ ପୁଣି କେନ୍ଦ୍ରାପଡା ରାଜନୀତିରେ ମୁଣ୍ଡ ପୁରାଇବା ଆରମ୍ଭ କରିଦେଲାଣି । ଏହାବ୍ୟତିତ ପୁଅ ଓ ବୋହୂକୁ ନେଇ ଏକ ସଂଗୀନ ମାମଲା ସୋସିଆଲ ମିଡିଆରେ ଭାଇରାଲ ହେବା ଘଟଣା ବାପ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଶ୍ୱଶୁର ନିଜେ ବୋହୂକୁ ନିର୍ଯାତନା ଦେଉଥିବା ସମ୍ପର୍କରେ ବୋହୂ ଅଭିଯୋଗ କରିଛନ୍ତି । ବୋହୂଙ୍କ ଅଭିଯୋଗ ଅନୁଯାୟୀ ଉଭୟ ଶ୍ୱଶୁର ଓ ସ୍ୱାମୀ ବା ବାପ ଓ ପୁଅ ତାଙ୍କୁ ନିର୍ଯ୍ୟାତନା ଦେଉଛନ୍ତି । ପୁଅ ଦେଶ ବିଦେଶ ବୁଲି ରୋମାନ୍ସ କରୁଥିବା ବେଳେ ବାପା ପରିଣତ ବୟସରେ ମଧ୍ୟ କିଛି ମହିଳା କର୍ମୀଙ୍କୁ ନିଜ କାନ୍ଧରେ ଆଉଜାଇ ନେଇ ଫଟୋ ଉଠାଇ ସଉକ୍ କରୁଛି । ଏସମ୍ପର୍କିତ ଫଟୋ ମଧ୍ୟ ସୋସିଆଲ ମିଡିଆରେ ବେସ୍ ଭାଇରାଲ ହେବାରେ ଲାଗିଛି । ଫଳରେ ଦଳ କେବଳ ବଦନାମ ହେବାରେ ଲାଗିଛି । ଏ ନେଇ ତୃତୀୟ ମହଲାରୁ କଡା ତାଗିଦ୍ ମିଳିବା ପରେ ଏପରି ରାସଲୀଳା କିଛି ମାତ୍ରାରେ ବନ୍ଦ ଅଛି । ଟିକଟ ଆଉ ମିଳିବାର ସମ୍ଭାବନା ନଥିବାରୁ ବାପ, ପୁଅ ଓ କାଳିଆ ମୁନ୍ନା କେନ୍ଦ୍ରାପଡାକୁ ଲୁଟକରି ଚଳୁ କରିବାରେ ଲାଗି ପଡିଛନ୍ତି । କେବଳ କେନ୍ଦ୍ରାପଡାରୁ ଟିକଟ କଟିବ ତାହା ନୁହେଁ ରାଜ୍ୟର ଅନ୍ୟ କୌଣସି ନିର୍ବାଚନମଣ୍ଡଳୀରୁ ମଧ୍ୟ ଟିକଟ ମିଳିବନି ବୋଲି ଦଳୀୟ ସୁତ୍ରରୁ ଖବର ମିଳିଛି । ବାପ ଓ ପୁଅ ଠାରୁ ବହୁତ ଭୟଙ୍କର ଖେଳାଡି ହେଉଛି ମୁନ୍ନା । ମୁନ୍ନା ନିଜକୁ ବିଧାୟକଙ୍କ ପଲଟିକାଲ ପିଏ ବୋଲି ପରିଚୟ ଦେଇ ଦଳୀୟ କର୍ମୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀ ପର୍ଯ୍ୟନ୍ତ ପିସି ଆଦାୟ କରି ଆତଙ୍କ ଖେଳାଇ ଦେଇଛି । ମୁନ୍ନାବି ୫ ବର୍ଷ ଭିତରେ କୋଟିପତି ବନି ଯାଇଛି । କାରଣ ମୁନ୍ନା ପାଖରେ ଉଭୟ ବାପ ଓ ପୁଅର ସମସ୍ତ ରାଜ ରହିଛି । ପୁଅ ବେଡ ରୁମ୍‌କୁ ପ୍ରତିଦିନ ଯାଉଥିବା ବିଭିନ୍ନ ସ୍ଥାନର ... ଠିକଣା ସବୁ ମୁନ୍ନା ରଖିଛି । ମୁନ୍ନା ଦରୱାନା ଭାବରେ ରହି ପୁଅକୁ ସମସ୍ତ ମଉଜମଜଲିସ ଯୋଗାଇ ଦେବାରେ ଲାଗିଛି । ଏଥି ସହ ବାପକୁ ବି କିଛି କିଛି ଖୁସି ଯୋଗାଇ ଦେଉଛି ।

ପାତ୍ରସାହି ଓ ଦାଶରଜା ସାହି ବାସିନ୍ଦାଙ୍କୁ ମିଳିଲା ଭୂମି ଅଧିକାର ପ୍ରମାଣପତ୍ର

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ପାତ୍ରସାହି ଓ ଦାଶରଜା ସାହି ବାସିନ୍ଦା ମାନଙ୍କୁ ଆଜି ଭୂମି ଅଧିକାର ପ୍ରମାଣପତ୍ର ପଟ୍ଟା ମିଳିଛି । ଉତ୍ତର ଜୋନ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ଜୟନ୍ତୀ ସାହୁ, ଜୋନାଲ ଡେପୁଟି କମିଶନର ଶଶୀ ଭୂଷଣ ମହାପାତ୍ର, ପ୍ରିୟଦର୍ଶନୀ ଜେନା, ବରିଷ୍ଠ ଅଧିକାରୀ ପ୍ରଶାର ରାଉତ, ୱାର୍ଡ ଅଧିକାରୀ ରବିନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ । ଦୀର୍ଘ ଦିନର ପ୍ରତୀକ୍ଷା ପରେ ଏହି ପଟ୍ଟା ମିଳିଥିବାରୁ ସମସ୍ତ ବସ୍ତି ବାସିନ୍ଦା ଖୁସିବ୍ୟକ୍ତ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ସୁସାନ୍ତ ରାଉତ ଓ କର୍ପୋରେଟର ଜୟନ୍ତୀ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନା ଅନୁସାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଗା ମିଶନ ଜରିଆରେ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଗତ ଅଗଷ୍ଟ ମାସ ୨୮ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଭୂମି ଅଧିକାର ପ୍ରମାଣପତ୍ର ପଟ୍ଟା ବଣ୍ଟନ କରିଥିଲେ । ଏଥିରେ ୧୨ ନମ୍ବର ୱାର୍ଡର ବିଭିନ୍ନ ବସ୍ତି ବାସିନ୍ଦାଙ୍କୁ ପଟ୍ଟା ମିଳିଥିଲା ବେଳେ ପାତ୍ରସାହି ଓ ଦାଶରଜା ସାହିର କୌଣସି ଜଣେ ହେଲେ ହିତାଧିକାରୀଙ୍କୁ ପଟ୍ଟା ମିଳି ନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବହୁ ଥର ପଟ୍ଟା ବଣ୍ଟା ଯାଇଥିଲେ ମଧ୍ୟ ଏହି ଦୁଇ ସାହିର ଲୋକମାନେ ପଟ୍ଟା ପାଇବାରୁ ବଞ୍ଚିତ ରହିଥିଲେ । ଫଳରେ ସାହି ବାସିନ୍ଦାମାନେ ବିଭାଗୀୟ ଅଧିକାରୀ ମାନଙ୍କୁ ବାରମ୍ବାର ନିବେଦନ କରି ବିଫଳ ହୋଇ କର୍ପୋରେଟର ଜୟନ୍ତୀ ସାହୁଙ୍କୁ ଗୁହାରି କରିଥିଲେ । ଶ୍ରୀମତୀ ସାହୁ ଏହାକୁ ଗୁରୁତ୍ୱ ଦେଇ ବିଭିନ୍ନ ଅଧିକାରୀ ଓ ନେତୃ ମଣ୍ଡଳୀଙ୍କ ସହିତ ଆଲୋଚନା କରିଥିଲେ । ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ଫଳରେ ଆଜି ଏହି ଦୁଇ ସାହିର ବାସିନ୍ଦାଙ୍କୁ ପଟ୍ଟା ମିଳିଛି । ସେଥିପାଇଁ ଶ୍ରୀମତୀ ସାହୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉତ୍ତର ବିଧାୟକ ସୁସା' କୁମାର ରାଉତ, ମେୟର ସୁଲୋଚନା ଦାସ ଓ ବିଭାଗୀୟ ଅଧିକାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା ।

ପୂର୍ବ ତଟ ରେଳପଥ

ଟେଣ୍ଡର ନଂ.EL5-ANGL-OT-23-24-12

କାର୍ଯ୍ୟର ନାମ: ଇଲେକ୍ଟ୍ରିକ୍ ଇଞ୍ଜିନ୍ ଶେଡ୍ (EL5), ଅନୁଗୁଳ ଠାରେ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ ର ଏୟାର ଡ୍ରାୟର (Air Dryer) ର ମରାମତିକରଣ (Overhauling) ।

ବିଜ୍ଞପ୍ତି ମୂଲ୍ୟ (₹): 26,53,541.66, EMD (₹): 53,100/-, ଟେଣ୍ଡର ଦସ୍ତାବେଜ ମୂଲ୍ୟ (₹): 3,540/-, ଟେଣ୍ଡର ବୈଧତା: 24 ମାସ ।

ବିଡ୍ ଆରମ୍ଭ ତାରିଖ: ତା. 14.03.2024ରିଖ, ଦାଖଲର ଶେଷ ତାରିଖ ଓ ସମୟ: ତା. 28.03.2024ରିଖ 1500 ଘଣ୍ଟିକାରେ ।

ଏହି ଟେଣ୍ଡର ବିଷୟରେ ମହାନୁଭବ ଅନୁଗୁଳ ଡିଭିଜିନ୍ ର ଡିଜି ଏବଂ ଡେପୁଟି ଚିଫ୍ ରେଲୱେ ମାନେଜର ମହାନୁଭବ ସୁବିଧାରେ ସୂଚନା କରାଯାଇଛି ।

ଇ-ଟେଣ୍ଡର ନମୁନାପତ୍ର ଏବଂ ସମ୍ପୂର୍ଣ୍ଣ ସୂଚନାବଳୀ http://www.ireps.gov.in ରେ ଉପଲବ୍ଧ ଅଛି ।

ଚିଫ୍ ମାନେଜର ବିଦ୍ୟୁତ୍ କାର୍ଯ୍ୟ (TRS)/ ଅନୁଗୁଳ

PR-114212023-24

2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଜରୁରୀକାରକ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday March 03, 2024 | ଭୁବନେଶ୍ୱର ରବିବାର, ମାର୍ଚ୍ଚ ୩ ,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

କିଟ୍ ଡ଼େଣ୍ଟାଲ କଲେଜକୁ ଜାତୀୟ ପୁରସ୍କାର

ଭୁବନେଶ୍ୱର,(ପି.ଏନ): କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ (କିଡ୍‌ସ)କୁ ସମାଜସେବା ଓ ମାନବିକତା ଉତ୍କର୍ଷତା ପାଇଁ ଇଣ୍ଟରନ୍ୟାସନାଲ୍ କଲେଜ ଅଫ୍ ଡ଼େଣ୍ଟିଷ୍ଟ (ଆଇଏସ୍‌ଡ଼ି) ପକ୍ଷରୁ ସମ୍ମାନଜନକ ଡା. କେଦାର ଏନ୍. ରଣ୍ଡୋଗୀ ପୁରସ୍କାର ପ୍ରଦାନ କରାଯାଇଛି । ଜନସାଧାରଣଙ୍କ ମଧ୍ୟରେ ମୁଖ ଗହ୍ୱର ସ୍ୱାସ୍ଥ୍ୟ ଉପରେ ସଚେତନତା, ଗ୍ରାମାଞ୍ଚଳ ଏବଂ ଗରିବ ଲୋକଙ୍କୁ ଦନ୍ତ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହା ହେଉଛି ଦେଶରେ ସର୍ବୋଚ୍ଚ ସାମାଜିକ ସମ୍ମାନ। ଗତ ଫେବୃଆରୀ ୨୪ ତାରିଖରେ ନୂଆଦିଲ୍ଲୀସ୍ଥିତ ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟଠାରେ ଇଣ୍ଟରନ୍ୟାସନାଲ୍ କଲେଜ ଅଫ୍ ଡ଼େଣ୍ଟିଷ୍ଟର ଜାତୀୟ କାର୍ଯ୍ୟକ୍ରମରେ କିଟ୍ ଡ଼େଣ୍ଟାଲ୍ କଲେଜକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ଦନ୍ତ ଗହ୍ୱର ସ୍ୱାସ୍ଥ୍ୟ ନେଇ ସଚେତନତାକୁ ପ୍ରୋତ୍ସାହନ ଏବଂ ସମସ୍ତଙ୍କୁ ଦନ୍ତ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନର ଉତ୍ସର୍ଗୀକୃତ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିଥାଏ। କିଡ୍‌ସ ଜନସାଧାରଣଙ୍କ ମଧ୍ୟରେ ମୁଖ ଗହ୍ୱର ସ୍ୱାସ୍ଥ୍ୟ ନେଇ ସଚେତନତା ସୃଷ୍ଟି କରିବା ଏବଂ ଗରିବ ଲୋକଙ୍କୁ ଦନ୍ତ ଚିକିତ୍ସା ଯୋଗାଇ ଦେବା କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଛି। ମାଗଣା ଡ଼େଣ୍ଟାଲ କ୍ୟାମ୍ପ ଆୟୋଜନ କରିବା, ଦନ୍ତ ଚିକିତ୍ସା କ୍ଷେତ୍ରରେ ଗରିବ ଲୋକଙ୍କୁ ସହଯୋଗ କରିବା ଏବଂ ସ୍ୱାସ୍ଥ୍ୟକର ମୁଖ ଗହ୍ୱର ନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ କିଡ୍‌ସର ପ୍ରଶାସନିକ ନିର୍ଦ୍ଦେଶକ ଡ଼ା. ଯୁଗଜ୍ୟୋତି ପାଠୀଙ୍କ ନିରବଚ୍ଛିନ୍ନ ଓ ଉତ୍ସର୍ଗୀକୃତ ପ୍ରୟାସ ପାଇଁ କିଡ୍‌ସକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡା. ପାଠୀଙ୍କୁ ଶୁଭେଚ୍ଛା ଜଣାଇବା ସହ କିଟ୍ ଡ଼େଣ୍ଟାଲ୍ କଲେଜ ଅଧ୍ୟକ୍ଷ ଡା. ଅଶ୍ୱିନୀ କୁମାର କର, ଉପାଧ୍ୟକ୍ଷ ଡା.ଏନ୍. ସି. ସଙ୍ଗାମେଶ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଥଳକୂଳ ପାଉନାହାନ୍ତି ସର୍‌ଖେଲ : ନିଜକୁ ବଞ୍ଚାଇବାକୁ ସାମ୍ବାଦିକଙ୍କୁ ଟାର୍ଗେଟ ! ସୁରକ୍ଷା ଲୋଡିଲେ ସାମ୍ବାଦିକ

ପାରାଦୀପ,(ପି.ଏନ): ସତ୍ୟ କୁ ସାମ୍ନା ନକରି ଏବେ ସାମ୍ବାଦିକ ମାନଙ୍କୁ ଟାର୍ଗେଟ୍ କରିବା ପରି ଏକ ଘୃଣ୍ୟ କାର୍ଯ୍ୟ ଲୋକ ଲୋଚ୍‌ନକୁ ଆସିଛି । ରାଜନୈତିକ ମୈଦାନ କୁ ଓହ୍ଲାଇଛ ମାନେ ସବୁବେଳେ ସତ୍ୟକୁ ସାମ୍ନା କରିବାକୁ ସତ୍ ସାହାସ ରଖିଥାଅ, କିନ୍ତୁ ତାହା ନକରି ଏକ ମିଥ୍ୟା ଖବର ପ୍ରଚାର ପ୍ରସାର ନେଇ ସାମ୍ବାଦିକ ମାନଙ୍କୁ ଟାର୍ଗେଟ କରି ତାଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ କରିବା କେତେ ଦୂର ଯୁକ୍ତିଯୁକ୍ତ ତାହା ସାଧାରଣରେ ପ୍ରଶ୍ନବାଚ୍ଚି ସୃଷ୍ଟି କରିଛି । ଏହି ପରି ଏକ ଘଟଣା ନେଇ ପାରାଦୀପରେ ବେଶ୍ ଚର୍ଚ୍ଚା ଏବେ ଜୋର ଧରିଛି । କଂଗ୍ରେସ ଦଳରୁ ପରିଚୟ ସୃଷ୍ଟି କରିଥିବା ସଦାସର୍ବଦା ପରାଜିତ ପ୍ରାର୍ଥୀ ଅରିନ୍ଦମ ସର୍‌ଖେଲ୍ ଓରଫ୍ ବାପି ସର୍‌ଖେଲ୍ ଇତି ମଧ୍ୟରେ ଅନ୍ୟ ଦଳକୁ ଡେଇଁବା ଚକ୍ଳର ରେ ଅଛନ୍ତି । ଇତି ମଧ୍ୟରେ ଦୁଇ ଦୁଇଟା ମର୍ଡର କେଶ୍ ରେ ଦୁଇଥର ଜେଲ୍ ଯାଇ ଜାମିନ୍ ରେ ଆସି ନିଦ୍ୱନ୍ଦ୍ୱରେ ସଭା ସମିତିରେ ଯୋଗଦେବା ଏକ ପ୍ରକାର ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରୁଥିବା ବେଳେ ନିଜର କେତେକ ଅନ୍ଧ ସମର୍ଥକ ମାନଙ୍କୁ ଏକଜୁଟ୍ କରାଇ ପାରାଦୀପ ରେ ରାଜ କରିବାକୁ ସ୍ୱପ୍ନ ଦେଖିଥିବା ସର୍‌ଖେଲ୍ ଙ୍କ କେତେକ ହୀନ ଚକ୍ରାନ୍ତ ଇତି ମଧ୍ୟରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଏଥିରେ ପ୍ରତିକ୍ରିୟାଶୀଳ ହୋଇ ସର୍‌ଖେଲ୍ ତାଙ୍କ ର ସୁରକ୍ଷା କବଚ୍ ସଂସ୍ଥା ଆମ ପାରାଦୀପ ଆମ ପ୍ରଗତି ପକ୍ଷରୁ ପାରାଦୀପ ଥାନାରେ ଅଭିଯୋଗ କରାଯାଇଛି ଯେ ତାଙ୍କର କୁଆଡେ ସମ୍ମାନହାନି ହୋଇଛି । ଯେତେବେଳେ ନର ହତ୍ୟା କରି ହ୍ୟାଣ୍ଡ କପ୍ ପଡ଼ି ହଜାର ହଜାର ଲୋକଙ୍କ ସମ୍ମୁଖରେ ସର୍‌ଖେଲ୍ କୁଜଙ୍ଗ ସମାଗୋଳ ଜେଲ୍ ଯାଉଥିଲେ ସେତେବେଳେ କଣ ସମ୍ମାନ ମିଳୁଥିଲା ଯେ ଆଜି ହାନି ହୋଇଗଲା । ରାତି ପାହିଲେ ସୋସିଆଲ ମିଡ଼ିଆରେ ଶହ ଶହ ଫଟୋ ଘୁରି ବୁଲୁଛି କିଏ ଅସଲି କିଏ ନକଲି ତାହା ଜାଣିବା ମୁସ୍କିଲ, କିନ୍ତୁ ନିଜେ ଅପପ୍ରଚାର ସୃଷ୍ଟି କରି ନିଜ ସମର୍ଥକ ମାନଙ୍କ ଦ୍ୱାରା ଭାଇରାଲ୍ କରାଇ ଅନ୍ୟ ନାଁ କୁ ସେଥିରେ ଯୋଡି ତାକୁ ପୁଣି ସମ୍ମାନ ହାନି ଉଦ୍ଦେଶ୍ୟ ଦର୍ଶାଇ ଥାନା ରେ ମିଥ୍ୟା ଅଭିଯୋଗ କରିବା ଏହା ଯେ କେହି ବି ଶୁଣୁଛି ହାସ୍ୟାସ୍ପଦ ବୋଲି ମତ ଦେଉଛନ୍ତି ।ଯଦିଓ ଦୁଇଟି ଟର୍ମ କଂଗ୍ରେସ ରେ ରହି ପରାଜିତ ହୋଇ ଏଥର ଯେନତେନ ପ୍ରକାରେ ଏବେ ବିଜେଡି କିମ୍ବା ବିଜେପି ରେ ସାମିଲ୍ ହୋଇ କ୍ଷମତା କୁ ହାତେଇଲେ ପାରାଦୀପ ଉପରେ ରାଜ କରିବାର ଚେଷ୍ଟା ଜାରି ରହିଛି । ତେବେ ଏହାକୁ ଦିନ ରାତି ସ୍ୱପ୍ନ ଦେଖୁଥିବା ସର୍‌ଖେଲ୍ ସମର୍ଥକ କେତେକ ବୁଝି ସାରିଥିବା ବେଳେ ଆଉ କେତେକ ଅବୁଝା ରହିଛନ୍ତି । ଏମିତିକି କେତେକ ଲୋଭନୀୟ ପ୍ରତିଶୃତି ଦେଇ ଲୋକଙ୍କୁ ନିଜ ସପକ୍ଷରେ ଟାଣୁଥିବା ସର୍‌ଖେଲ୍ କୌଣସି କାରଣରୁ ଏବେ ରାଜନୈତିକ ଦଳ ମାନଙ୍କ ର ଅଲୋଡା ହୋଇ ଯାଇଛନ୍ତି । ନିଜର ଗୁଣ୍ଡା ମାଫିଆ ଚେହେରା କୁ ନିର୍ମଳ ଭାବମୂର୍ତ୍ତି ବନେଇବା ଏବେ ଫସର ଫାଟିବା ପରେ ସର୍‌ଖେଲ୍ ଏବେ ପୁରା ହିଂସ୍ର ପାଲଟି ଯାଇଥିବା ଜଣାପଡିଛି । ଯାହାକୁ ନେଇ ସର୍‌ଖେଲ୍ ଏବେ ସାମ୍ବାଦିକ ମାନଙ୍କୁ ଟାର୍ଗେଟ କରିବା ଆରମ୍ଭ କରି ଦେଇଛି ଯାହାକୁ ସାଧାରଣ ରେ ଘୋର ନିନ୍ଦା କରାଯାଇଛି । ଏବାବଦରେ ଆଦର୍ଶ ଥାନାରେ ପାରାଦ୍ୱୀପର ଦୁଇଜଣ କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ ଏବଂ ଏନ.ଏମ.ବୈଶାଖ ପାଲଟା ଅଭିଯୋଗ କରି ସେମାନଙ୍କ ସୁରକ୍ଷା ଦାବୀ କରିଥିବା ଜଣାପଡିଛି ।

ମୋଗାଁ ଆମ ସ୍ୱାସ୍ଥ୍ୟ, ସାମାଜିକ ସଚେତନତା କାର୍ଯ୍ୟକ୍ରମ

ଜେନାପୁର,(ପି.ଏନ୍): 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଏହାକୁ ଗ୍ରାମଞ୍ଚଳରେ ବଜାଇ ରଖିବା ସହିତ ଗ୍ରାମାଞ୍ଚଳରେ ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଓ ଗ୍ରାମଗ୍ରାମ ବୁଲି ସ୍ୱାସ୍ଥ୍ୟ ସଚେତନତା କରିବାର ନିଆରା ପ୍ରୟାସ ଜାରି ରଖିଛନ୍ତି ଡଃ ନିହାର ରଞ୍ଜନ କର । ବିଗତ ଦିନରେ ମହାମାରୀ କୋରଣା ସମୟରେ ନିଜ ପରିବାର ଓ ଜୀବନକୁ ଖାତିର୍ ନ କରି ବୀର ସୈନିକ ଦର୍ପରେ ନିଜର ସେବାପନ୍ନ କାର୍ଯ୍ୟକୁ ନିଶ୍ୱାର୍ଥ ପର ଭାବେ ଯୋଗାଇ ଦେଇଆସୁଛନ୍ତି । ଯାହାକୁ କୋରଣା ଯୌଦ୍ଧାର ଲଢୁଆ ସମାଜସେବୀ ଓ ଡାକ୍ତର ଭାବେ ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ସେହିପରି ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାର ରଞ୍ଜନ କର ଓ ସଚେତନ ନାଗରିକ ମଞ୍ଚର ମିଳିତ ଉଦ୍ୟମରେ ଗ୍ରାମାଞ୍ଚଳରେ ଦେଖାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ପାଇଁ 'ମୋଗାଁ ଆମ ସ୍ୱାସ୍ଥ୍ୟ, ସାମାଜିକ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, କର୍କଟ ରୋଗ, ସଡ଼କ ଦୁର୍ଘଟଣା ଓ ମୋବାଇଲର ଅପବ୍ୟବହାର ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ସଚେତନ ନାଗରିକ ମଞ୍ଚର ଆବାହକ ସରୋଜକାନ୍ତ ବେହେରାଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏପରି କାର୍ଯ୍ୟକ୍ରମ ଆଗକୁ ଚାଲୁରହିବ ବୋଲି ଡଃ କର ସୂଚନା ଦେଇଛନ୍ତି। ଗ୍ରାମଞ୍ଚଳରେ ଏପରି ସଚେତନ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଆବାଳ ବୃଦ୍ଧଜୀବୀ ଭୂୟଶ୍ରୀ ପ୍ରଶଂସା କରିଥିଲେ ।

ବିଜେପି ନିର୍ବାଚନ ମଣ୍ଡଳୀ ସଂଯୋଜକ ହେଲେ ଡ ପ୍ରତାପ ନାୟକ

ବାସୁଦେବପୁର,(ପି.ଏନ): ବିଜେପି ପକ୍ଷ ରୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ଦାୟିତ୍ୱ ଭାବେ ବାସୁଦେବପୁର,(ପି.ଏନ): ପ୍ରତାପ ନାୟକ ଙ୍କୁ ପ୍ରଦାନ କରାଯାଇଛି। ଡ ପ୍ରତାପ କୁମାର ନାୟକ ପୂର୍ବରୁ ଛାତ୍ର ଜୀବନ ରେ ବହୁ ଦିନ ଧରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟ କରିଛନ୍ତି। ନଗର ସଭାପତି ଠାରୁ ଆରମ୍ଭ କରି ବହୁ ଦାୟିତ୍ୱ ନିର୍ବାହ କରିଛନ୍ତି। ଚାକିରି ଜୀବନ ରୁ ଅବସର ନେବା ପରେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରି କାର୍ଯ୍ୟ କରୁଛନ୍ତି। ଚଳିତ ସାଧାରଣ ନିର୍ବାଚନ କୁ ଆଖି ଆଗରେ ରଖି ତାଙ୍କୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ସଂଯୋଜକ ଦାୟିତ୍ୱ ଦିଆ ଯାଇଥିବାରୁ ସେ ରାଜ୍ୟ ସଭାପତି ମନମୋହନ ସାମଲ ଙ୍କ ସମସ୍ତ ପଦାଧିକାରୀ ଓ ଜିଲ୍ଲା ସଭାପତି ଙ୍କ ସମସ୍ତ ପଦାଧିକାରୀ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି। ସୂଚନା ଥାଉ କି ପୂର୍ବରୁ ରାଜ୍ୟ ବୁଦ୍ଧିଜିବୀ ସେଲ୍ ର ସହ ସଂଯୋଜକ ଦାୟିତ୍ୱ ନିର୍ବାହ ମଧ ଡ ନାୟକ କରିଛନ୍ତି।

ଗ୍ରୀଷ୍ମ ପ୍ରଭାବ ଓ ଅଂଶୁଘାତର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

କୋରାପୁଟ:(ପି.ଏନ) କୋରାପୁଟ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଶୁକ୍ରବାର ସହୀଦ ଲଖଣ ନାୟକ ମେଡିକାଲ କଲେଜ ପ୍ରାଙ୍ଗଣ ଅଡିଟୋରିୟମ୍ ହଲ୍‌ରେ ଜିଲ୍ଲାପାଳ ପି. ଭି. କିର୍ତ୍ତୀ.ଭାସନଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତିର ସଠିକ ମୁକାବିଲା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧିକାରୀମାନଙ୍କୁ ନେଇ ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ସେବା, ବିଦ୍ୟାଳୟ, ପରିବହନ, ପ୍ରାଣୀ ସମ୍ପଦ ବିଭାଗ ଓ ଅନ୍ୟାନ୍ୟ ବିଭାଗର ପଦକ୍ଷେପ ଉପରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ । ଗ୍ରାମାଞ୍ଚଳରେ ପାନୀୟଜଳ ସମ୍ପର୍କୀୟ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ନଳକୂଅ କାର୍ଯ୍ୟକ୍ଷମ ସହ ଯେଉଁଠି ନଳକୂପର ବ୍ୟବସ୍ଥା ହୋଇପାରୁନାହିଁ, ସେହି ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ପଞ୍ଚାୟତ, ଏନ୍.ଏସି, ପୌରପରିଷଦ ଏବଂ ସମସ୍ତ ବିଡିଓ ଜନଗହଳି ଅଞ୍ଚଳରେ ପାନୀୟ ଜଳ ସେବା କେନ୍ଦ୍ର ବା ଜଳଛତ୍ର ଖୋଲିବା, ପିଏଚ୍.ସି, ସିଏଚ୍‌ସି, ଉପଖଣ୍ଡ ଓ ସଦର ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଶୀତ ତାପ ନିୟନ୍ତ୍ରିତ କୋଠରି ବା କୁଲର ବ୍ୟବସ୍ଥା ଯୁକ୍ତ କୋଠରୀର ବ୍ୟବସ୍ଥା, ଯଥେଷ୍ଟ ଓଆର୍.ଏସ୍ ଏବଂ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା ପାଇଁ ସିଡିଏମ୍.ଓଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ଜିଲ୍ଲା ଶ୍ରମ ଅଧିକାରୀ ସମସ୍ତ ଶ୍ରମିକମାନଙ୍କୁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରାରେ ନିର୍ମାଣ କାର୍ଯ୍ୟ ନ କରିବାକୁ ଗୁରୁତ୍ୱ ଆରୋପ କରାଯାଇଥିଲା । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଉପରେ ଧ୍ୟାନ ଦେବାକୁ ଟିପିଏସଓଡିଏଲର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେଭଳି ସମସ୍ତ ଯାତ୍ରୀବାହୀ ବସ୍ ଦିନ ୧୨ଟାରୁ ୩ଟା ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ କରିବେ ନାହିଁ ବୋଲି କୁହାଯାଇଛି । ଅଂଶୁଘାତ ସୂଚନା ପାଇଁ ଜିଲ୍ଲାରେ ଏକ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଛି । ଜୀବଜନ୍ତୁଙ୍କ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି । ବୈଠକକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ, ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଜ୍ଞାନଜୀତ ତ୍ରିପାଠୀ, ଜିଲ୍ଲା ଶିକ୍ଷା ଅଧିକାରୀ, କୋରାପୁଟ , ଜିଲ୍ଲା କଲ୍ୟାଣ ଅଧିକାରୀ, କୋରାପୁଟ, ବିଭିନ୍ନ ବ୍ଲକ ଏବଂ ତହସିଲର ଗୋଷ୍ଠୀ ଉନ୍ନୟନ ଅଧିକାରୀ , ତହସିଲଦାର, ଓଡ୍ରାଫ, ଅଗ୍ନିଶମ ଅଧିକାରୀ, ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ମାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ପରିଶେଷରେ ଜରୁରୀ କାଳୀନ ବିଭାଗର (ଡିଆରଆରସି) ଶ୍ରୀ ଅବନୀ କାନ୍ତ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray